


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୦ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 JANUARY 2026
Vol.No. 36 ■ No.10 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଅମିତ ଶାହଙ୍କୁ ମମତାଙ୍କ ଧମକ: ପେନ୍ ଡ୍ରାଇଭ ରଖିଛି, କୋଇଲା ଦୁର୍ନୀତିର ଖୁଲାସା କରିଦେବି



ନୂଆଦିଲ୍ଲୀ,୯/୧ : ତୃଣମୂଳ କଂଗ୍ରେସର ରାଜନୀତିକ ପରାମର୍ଶଦାତା ଓ-ଚଇଡର ଦୁଇଟି ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ପରେ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଯଦି ତାଙ୍କ ଉପରେ ଓ ତାଙ୍କ ସରକାର ଉପରେ ଅଧିକ ଚାପ ପକାଯାଏ, ତା'ହେଲେ କୋଇଲା ଘୋଟାଲାରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସଂପୃକ୍ତି ନେଇ ତାଙ୍କ ପାଖରେ ଯେଉଁ ସବିଶେଷ ତଥ୍ୟ ରହିଛି, ତାକୁ ସାର୍ବଜନୀନ କରିଦିଆଯିବ। ଇଡିର ଚଢ଼ାଉ ବିରୋଧରେ ଆଜି କୋଲକାତାରେ ଏକ ବିଶାଳ ରାଲିକୁ ସମ୍ବୋଧିତ କରିବା ଅବସରରେ ମମତା କେନ୍ଦ୍ର ସରକାର ଓ କେନ୍ଦ୍ର ଗୃହ ମନ୍ତ୍ରୀଙ୍କୁ ଏଭଳି ଚେତାବନୀ ଦେଇଛନ୍ତି। ମମତା କହିଛନ୍ତି, ମୋ ପାଖରେ କିଛି ପେନ୍ ଡ୍ରାଇଭ ଅଛି। ମୁଁ ଯେଉଁ ପଦରେ ରହିଛି, ତା'ର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ଚୁପ୍ ରହିଛି। ମୋ ଉପରେ ଅଧିକ ଚାପ ପକାନ୍ତୁ ନାହିଁ। ମୁଁ ସବୁ କଥା ପଦାରେ ପକାଇ ଦେବି। ପୂରା ଦେଶ ଚକିତ ହୋଇଯିବ। ସେ ଅଭିଯୋଗ କରିଛନ୍ତି ଯେ କୋଇଲା ଘୋଟାଲାରୁ ମିଳିଥିବା ସମସ୍ତ ଟଙ୍କା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ପାଖକୁ ଯାଇଛି। ପଶ୍ଚିମବଙ୍ଗର ବିଜେପି ସାଂସଦ ଜଗନ୍ନାଥ ସରକାର ଓ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ମାଧ୍ୟମରେ ସମସ୍ତ ପାଣ୍ଠି ଅମିତ ଶାହଙ୍କ ପାଖକୁ ଯାଇଛି। ବିଜେପି ସାଂସଦ ଜଗନ୍ନାଥ ସରକାରଙ୍କୁ ମମତା ଡକାୟତ କହିଥିବା ବେଳେ ଶୁଭେନ୍ଦୁ ଅଧିକାରୀଙ୍କୁ ଗଦ୍ଦାର ଓ ଶାହଙ୍କ ନୂଆ ଧରମ ପୁଅ ବୋଲି କହିଛନ୍ତି। ଏହା ସହିତ ବିଏସ୍ଏଫ୍ ଓ ସିଆଇଏସ୍ଏଫ୍‌ର ଭୂମିକା ନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଘେରିଛନ୍ତି ମମତା। ସେମାନେ ବେଆଇନ କୋଇଲା ଚାଲାଣକୁ ରୋକିବାରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଗତକାଲି ଇଡି ରେଡ୍ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାକୁ ଯାଇ କାର୍ଯ୍ୟରେ ବାଧାଦେବା ତଥା କିଛି ଫାଇଲ ନେଇଯିବା ଘଟଣାକୁ ସମାଲୋଚନା କରାଯାଉଥିବା ବେଳେ ସେ କହିଛନ୍ତି ଯେ ଏଥିରେ କୌଣସି ଭୁଲ ନାହିଁ। ସେ କହିଛନ୍ତି ଯେ ସେହି ଫାଇଲରେ ନିର୍ବାଚନ ରଣନୀତି ନେଇ ସମ୍ବେଦନଶୀଳ ତଥ୍ୟ ରହିଛି।

## ଆସନ୍ତା ୧୨ ରେ ଓଡ଼ିଶା ରାଜନୀତି ନେବ ନୂଆ ମୋଡ଼: ଯୁବ ଦିବସରେ ଶକ୍ତି ପ୍ରଦର୍ଶନ କରିବେ ମହମ୍ମଦ ମୋକିମ୍



ଭୁବନେଶ୍ୱର, ୯/୧ (ନି.ପ୍ର): ନୂଆ ଆଞ୍ଚଳିକ ଦଳର ପରିକଳ୍ପନା ଭିତରେ ଆସନ୍ତା ୧୨ରେ ଓଡ଼ିଶା ରାଜନୀତି ନେବ ନୂଆ ମୋଡ । ୩ ଦଳର ଅସନ୍ତୁଷ୍ଟଙ୍କୁ ଏକାଠି କରି ଯୁବ ସମାବେଶ କରିବେ କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମ । ଭୁବନେଶ୍ୱରରେ ହେବାକୁ ଥିବା ସମାବେଶ ପାଇଁ କଟକରୁ ହେଉଛି ବ୍ଲୁ-ପ୍ରିଣ୍ଟ । କଟକର କଂଗ୍ରେସ ସଙ୍ଗଠନର ଛାମୁଆ କର୍ମୀ ମୋକିମଙ୍କ କ୍ୟାମ୍ପରେ ଥିବାରୁ ଭକ୍ତଙ୍କର ବଢ଼ିଛି ଚିନ୍ତା। ଆସନ୍ତା ମଙ୍ଗଳବାର ମୋକିମଙ୍କ ରାଜନୈତିକ କ୍ୟାରିୟର ନେବ ନୂଆ ମୋଡ । ଯୁବ ଦିବସରେ ଯୁବ ସମାବେଶ ଜରିଆରେ ଶକ୍ତି ପ୍ରଦର୍ଶନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ମୋକିମ । ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ୧୦୦୦ରୁ ଅଧିକ ଜିଲ୍ଲାସ୍ତରୀ ଯୁବନେତୃତ୍ୱଙ୍କୁ ଏକାଠି କରି ରାଜନୈତିକ ଭବିଷ୍ୟତର ନକ୍ସା ଆଙ୍କିବେ। ସାମିଲ ହେବେ ୩ ପ୍ରମୁଖ ଦଳର ଅସନ୍ତୁଷ୍ଟ ଯୁବନେତା। ଆଞ୍ଚଳିକ ଦଳର ଆବଶ୍ୟକତାକୁ ନେଇ ଭିତ୍ତିର ସର୍ଭେ ପରେ ଉପକୂଳବର୍ତ୍ତୀ ଜିଲ୍ଲା ଉପରେ ଅଧିକ ଫୋକସ୍ କରିଛନ୍ତି ମୋକିମ। ଦଳ ଛାଡିବା ପରେ କଟକ କଂଗ୍ରେସ ସଙ୍ଗଠନର ସିଂହଭାଗ କର୍ମୀ ଏବେ ମୋକିମଙ୍କ ସାଥିରେ । ଯାହାର ଝଲକ ରାମଚଣ୍ଡିରେ ହୋଇଥିବା କଂଗ୍ରେସ ବନ୍ଧୁମିଳନ ଉତ୍ସବରେ ଦେଖିବାକୁ ମିଳିଛି। ବହିଷ୍କୃତ ମୋକିମଙ୍କୁ ସାଥୀରେ ନେଇ ଭୋଜିଭାତ କରିଛନ୍ତି କଂଗ୍ରେସ କର୍ମୀ। ମୋକିମଙ୍କ ସହ କଂଗ୍ରେସ କର୍ମୀଙ୍କ ଭୋଜିଭାତ ଆସରକୁ ନେଇ ଚିହିଁକି ଉଠିଛନ୍ତି ପିସିସି ସଭାପତି ଭକ୍ତ ଦାସ । ସିଧାସଳଖ ଚେତାବନୀ ଦେଇ କହିଛନ୍ତି, ଆମେ ସବୁ କାର୍ଯ୍ୟକ୍ରମ ଉପରେ ନଜର ରଖିଛୁ। ଶୃଙ୍ଖଳା ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ ନେବୁ । ଅନ୍ୟପଟେ ବ୍ଲକ୍ କି ବୁଥ୍ ସ୍ତରରେ ଏଯାଏଁ ନେତା ବାଛିନି କଂଗ୍ରେସ।

## ପରିବହନ ବିଭାଗର ଜରିମାନାକୁ ନେଇ ଘାଣ୍ଟି ହେଉଛନ୍ତି ଲୋକେ: ଏପଟେ ମାତିଲେଣି ଅନଲାଇନ୍ ଠକ




ଭୁବନେଶ୍ୱର, ୯/୧ (ନି.ପ୍ର): ପ୍ରଥମେ ପ୍ରଦୂଷଣ ସାର୍ଟିଫିକେଟ୍, ପରେ ଗ୍ରିନ୍ ଷ୍ଟିକର ଆଉ ତାପରେ ଟୋଲ୍ ଗେଟରେ ଇ-ଡିଟେକ୍ସନ୍ । ପରିବହନ ବିଭାଗ ତରଫରୁ ନିଆଗଲା ଏଭଳି କିଛି କଡ଼ା ନିଷ୍ପତି । ଯାହାକୁ ନେଇ ଜନ ଅସନ୍ତୋଷ ମଧ୍ୟ ତେଜିଲା । ହେଲେ ସବୁଠାରୁ ବଡ କଥା ହେଉଛି, ଯେଉଁ ନିଷ୍ପତି ପରିବହନ ବିଭାଗ ତରଫରୁ ନିଆଯାଉଛି, ପରେ ତାର ନିୟମ ବା ଡେଡଲାଇନ ମଧ୍ୟ ବଦଳୁଛି । ପରିବହନ କମିସନୀ ଯେଉଁ କଥା କହୁଛନ୍ତି ତାର ବିପରୀତ କଥା କହୁଛନ୍ତି ମନ୍ତ୍ରୀ । ଯେମିତିକି ଗ୍ରୀନ ଷ୍ଟିକର ଆସନ୍ତା ୧୦ ତାରିଖ ପାଖରୁ ଲାଗିବ, ସେ କଥାକୁ କାଟି ମନ୍ତ୍ରୀ କହିଲେ ଗ୍ରୀନ ଷ୍ଟିକର ବାଧ୍ୟତାମୂଳକ ନୁହେଁ । ହେଲେ ଗତକାଲି ପରିବହନ ମନ୍ତ୍ରୀ ପ୍ରେସ ରିଲିଜ ଜରିଆରେ କହିଲେ , ଏପ୍ରିଲ ମାସ ଯାଏଁ ବଢ଼ିଲା ପରିବହନ ସାର୍ଟିଫିକେଟ୍? ଯାଞ୍ଚ ଅବଧି । ସେହିପରି ଟୋଲ୍ ଗେଟରେ ଇ-ଡିଟେକ୍ସନ୍ ବ୍ୟବସ୍ଥାରେ କଟିବନି ଫାଇନ । ଜରିମାନା ଜୁଲମକୁ ନେଇ ଜନ ଅସନ୍ତୋଷ ତେଜିଲା । ସାଧାରଣ ଜନତା ମଧ୍ୟ ବିରୋଧ କଲେ । ରାଜ ରାସ୍ତାକୁ ଓହ୍ଲାଇଲେ ବିରୋଧୀ, ଗତକାଲି ବିଜେଡି ତରଫରୁ ପ୍ରତିବାଦ କରାଗଲା, ଆସନ୍ତା କାଲି ଯୁବ କଂଗ୍ରେସ ତରଫରୁ ପରିବହନ ମନ୍ତ୍ରୀଙ୍କ ବାସ ଭବନ ଘେରାଉ କରାଯିବ । ସେପଟେ ବିଜେପି କହିଛି ପରିବେଶ ପ୍ରଦୂଷଣ ରୋକିବାକୁ ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି ସରକାର । ଏ ସମ୍ପର୍କୀତ ଏକ ମାମଲାର ଶୁଣାଣି କରି ୧୫ ଦିନ ଭିତରେ ସରକାରଙ୍କୁ ଜବାବ ମାଗିଛନ୍ତି ହାଇକୋର୍ଟ ।

## ଜଣାପଡ଼ିଲା ଭାରତ-ଆମେରିକା ବାଣିଜ୍ୟ ଡିଲ ଫେଲ୍ ହେବାର କାରଣ



ନୂଆଦିଲ୍ଲୀ,୯/୧ : ଭାରତ ବିରୋଧରେ ଆମେରିକା ଲାଗୁ କରିଥିବା ଟାରିଫ ପଛରେ କୌଣସି ବାଣିଜ୍ୟ କିମ୍ବା ନୀତି ସମ୍ପର୍କିତ ବିବାଦ ଦାୟୀ ନୁହେଁ। ବରଂ ଏହା ପଛରେ ରହିଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅହଂକାର। ଭାରତର ସହ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଡିଲକୁ ଚୂଡ଼ାନ୍ତ ରୂପ ଦେବାକୁ ଚାହୁଁଥିଲା। ଡିଲ ଚୂଡ଼ାନ୍ତ ରୂପ ନେବା ପୂର୍ବରୁ ଟ୍ରମ୍ପ ଚାହୁଁଥିଲେ ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବ୍ୟକ୍ତିଗତ ଭାବେ ଫୋନ କଲ କରନ୍ତୁ। ହେଲେ ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ଟ୍ରମ୍ପଙ୍କ ସହ କଥା ହୋଇ ନଥିଲେ। ଏହା ଟ୍ରମ୍ପଙ୍କ ଅହଂକାରକୁ ବେଶ ଆଘାତ ଦେଇଥିଲା। ଫଳ ସ୍ୱରୂପ ସେ ଭାରତ ଉପରେ ୫୦% ଟାରିଫ ଲାଗୁ କରିଛନ୍ତି। ଏଥିସହ ଆଗକୁ ଏହାକୁ ବୃଦ୍ଧି କରିବାର ଧମକ ମଧ୍ୟ ଦେଉଛନ୍ତି। ମୋଦି କଲ ନ କରିବାରୁ ଟ୍ରମ୍ପଙ୍କ ଇଗୋ ହର୍ଟ ହୋଇଥିବା କଥାକୁ ବିଧିବଦ୍ଧ ଭାବେ ସ୍ୱୀକାର କରିଛନ୍ତି ଆମେରିକାର ବାଣିଜ୍ୟ ମନ୍ତ୍ରୀ ହାୱାର୍ଡ ଲୁଟନିକ। ଗୋଟିଏ ସାକ୍ଷାତକାରରେ ଭାରତ ଉପରେ ଲାଗୁ ହେଉଥିବା ଆକାଶ ଛୁଆଁ ଟାରିଫ ସମ୍ପର୍କରେ ସେ ଖୋଲାଖୋଲି ଭାବେ ମତ ରଖିଛନ୍ତି। ଲୁଟନିକ କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ବହୁ ପ୍ରତିକ୍ଷୀତ ବାଣିଜ୍ୟ ଡିଲ୍ ସଫଳ ରୂପ ନ ନେବା ପଛରେ କାରଣ କୌଣସି ନୀତିଗତ ଅସହମତି ନୁହେଁ ବରଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ରାଷ୍ଟ୍ରପତି ଟ୍ରମ୍ପଙ୍କ ◆◆ପୃଷ୍ଠା ୭

## ୧୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଦୁଇ ମୃତ

ଖୋର୍ଦ୍ଧା, ୯/୧ (ନି.ପ୍ର): ଖୋର୍ଦ୍ଧା, ୧୬ ନମ୍ବର ଜାତୀୟ ରାଜପଥ ସଦର ଥାନା ଅନ୍ତର୍ଗତ ଦଧିମାଛଗାଡ଼ିଆ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଭୋର ସମୟରେ ଅଜଣା ଗାଡି ଧକାରେ ସ୍କୁଟି ଆରୋହୀ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି । ଖବରପାଇ ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ସୂଚନା ମୁତାବକ, ସ୍କୁଟିରେ ବାଣପୁରରୁ ପରୀକ୍ଷା ଦେବା ପାଇଁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ମୃତକ ହେଲେ ବାଣପୁର ସାନହନ୍ତୁଆଡ ଗ୍ରାମର ବିକାଶ ବରାଳ ଓ ଶୁଭ୍ରାଂଶୁ ସୁନ୍ଦରାୟ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି ।

## ନମାମି ଗଙ୍ଗେ ମିଶନ ଆରମ୍ଭ କଲା ୫ ନୂଆ ପ୍ରକଳ୍ପ

ନୂଆଦିଲ୍ଲୀ,୯/୧ :ନଦୀଗୁଡ଼ିକୁ ଦୂଷଣମୁକ୍ତ କରିବା ଦିଗରେ ଏକ ବଡ଼ ପଦକ୍ଷେ ନେଇ, 'ନମାମି ଗଙ୍ଗେ ମିଶନ' ତାହାର ଅଗ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିଛି। ମିଶନର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ, ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକରେ ୫ଟି ନୂଆ ଏବଂ ବଡ଼ ସିୱେରେଜ୍ ଅବସଂରଚନା ପ୍ରକଳ୍ପ ସଫଳତାର ସହିତ ଚାଲୁ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ନଦୀ ସଫା ପ୍ରୟାସକୁ ଅଭୂତପୂର୍ବ ଗତି ଦେବ। ଜଳଶକ୍ତି ମନ୍ତ୍ରଣାଳୟ କ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତି ଅନୁସାରେ, ଏହି ଆର୍ଥିକ ବର୍ଷରେ ଏଯାଏଁନ୍ତ ୯ଟି ପ୍ରକଳ୍ପ ଚାଲୁ ହୋଇସାରିଛି, ଯାହା ମୁଖ୍ୟ ସହର କେନ୍ଦ୍ରଗୁଡ଼ିକରେ ସିୱେଜ୍ ଶୋଧନ କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବୃଦ୍ଧି କରିଛି। ଏହି ପ୍ରକଳ୍ପଗୁଡ଼ିକ ହେଉଛି ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ । ଏଗୁଡ଼ିକ ଏମିତି କାରଖାନା, ଯେଉଁଠାରେ ସହରର ପ୍ରଦୂଷିତ ପାଣି (ସିୱେଜ୍)କୁ ନଦୀରେ ଛାଡ଼ିବା ପୂର୍ବରୁ ଶୁଦ୍ଧ କରାଯାଏ। ◆◆ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟ୍‌ରେ ୧୧ଟି ପ୍ରସ୍ତାବକୁ ଅନୁମୋଦନ




ଭୁବନେଶ୍ୱର, ୯/୧ (ନି.ପ୍ର): ରାଜ୍ୟ କ୍ୟାବିନେଟ୍‌ରେ ଶୁକ୍ରବାର ଦିନ ବଡ଼ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ୮ଟି ବିଭାଗର ୧୧ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହି ଆଧାରରେ ରାଜ୍ୟର ତିନିଟି ପ୍ରମୁଖ ସହରରେ ବିଶ୍ୱ ଦକ୍ଷତା କେନ୍ଦ୍ର ନିର୍ମାଣ ହେବ। ଏଥିରେ ଭୁବନେଶ୍ୱର, ବ୍ରହ୍ମପୁର ଓ ସାମିଲ ରହିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁସାରେ ଗୋପାଳପୁରରେ ଟାଟା ସୋଲାର ସେଟ୍ ଉତ୍ପାଦନ ହେବ। ଏଥି ପାଇଁ ୧୦,୦୦୦ କୋଟି ଟଙ୍କା ନିବେଶ ହେବ। ଏହି ପ୍ରକଳ୍ପ ମାଧ୍ୟମରେ ୫ହଜାର ଜଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ଦିଆଯାଇପାରିବ। ଏତଦ୍‌ବ୍ୟତୀତ ଓଡ଼ିଶାର ଖାଦ୍ୟ ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି।

## ରାଜ୍ୟପାଳଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ସଲ୍ଟ ଲେକରୁ ଗିରଫ

ନୂଆଦିଲ୍ଲୀ,୯/୧ : ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କୁ ଇମେଲ୍ ମାଧ୍ୟମରେ ହତ୍ୟା ଧମକ ଦେଇଥିବା ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ରାଜଭବନର ଜଣେ ବରିଷ୍ଠ ଅଧିକାରୀ ଶୁକ୍ରବାର ଏହା ନିଶ୍ଚିତ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତକୁ କୋଲକାତାର ସଲ୍ଟ ଲେକ ଅଞ୍ଚଳରେ ଅଟକ ରଖାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ଏବଂ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ସଂଗଠନ ଏଥିରେ ସାମିଲ ଅଛନ୍ତି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତାଙ୍କୁ ପୁଙ୍ଖାନୁପୁଙ୍ଖ ପଚରାଉଚରା କରାଯାଉଛି ।ଉଲ୍ଲେଖନୀୟ ଯେ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଗୁରୁବାର ରାତିରେ ଇମେଲ୍ ମାଧ୍ୟମରେ ହତ୍ୟା ଧମକ ପାଇଥିଲେ, ◆◆ପୃଷ୍ଠା ୭

## ଇରାନରେ ତେଜୁଛି ଗୃହଯୁଦ୍ଧ: ୧୧୧ ସହରକୁ ମାଡ଼ିଲାଣି ଜନଆନ୍ଦୋଳନ



ନୂଆଦିଲ୍ଲୀ,୯/୧ : ଅସମ୍ଭାଳ ହେଲାଣି ଖାମନେଇଙ୍କ ବିରୋଧରେ ଇରାନର ଜନଆନ୍ଦୋଳନ । ତେହରାନ ସହ ୧୧୧ ସହରକୁ ବ୍ୟାପିଲାଣି ବିକ୍ଷୋଭ । ସେପଟେ ଏଭଳି ସ୍ଥିତି ପାଇଁ ସିଧାସଳଖ ଆମେରିକା ଓ ଇସ୍ରାଏଲକୁ ଦାୟୀ କରିଛି ଇରାନ । କ'ଣ ପାଇଁ ବିକ୍ଷୋଭ ? କାହିଁକି ଖାମନେଇଙ୍କ ବିରୋଧରେ ନିଆଁ ଜଳୁଛି । ଯେବେ ଜନତା ରାଗନ୍ତି, ସରକାରଙ୍କୁ ଦୋହଲାଇ ଦିଅନ୍ତି । କେବଳ ଗଣତନ୍ତ୍ରରେ ନୁହେଁ, ସବୁ ଶାସନ କାଳରେ ଏଭଳି ଘଟିଥାଏ । ଯାହାର ତାଜା ନିଦର୍ଶନ ଇରାନରେ ଦେଖିବାକୁ ମିଳିଛି । ଦେଶର କୋଣ ଅନୁକୋଣରେ ଖାମନେଇଙ୍କ ବିରୋଧରେ ଶୁଣିବାକୁ ମିଳିଛି ସ୍ଲୋଗାନ । ସେପଟେ ପ୍ରଶ୍ନ ଉଠୁଛି, କିଛିଦିନ ହେବ ଶାନ୍ତ ପଡ଼ିଥିବା ବିକ୍ଷୋଭ ହଠାତ୍ ଗୁରୁବାର ଉଗ୍ର କାହିଁକି ହେଲା ? ଆୟାତୋଲ୍ଲା ଖାମନେଇଙ୍କ ପ୍ରକୃତ ଶତ୍ରୁ କିଏ ? ଦେଶର ନାଗରିକ ନା ଆଉ କିଏ ? ଜନଆନ୍ଦୋଳନରୁ ଫାଇଦା ନେବ କି ଆମେରିକା ? ସୂଚନା ଅନୁସାରେ, ଇରାନକୁ ଖୁଲମଖୁଲ୍ଲା ଧମକ ଦେଇଛି ଆମେରିକା । ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ପୁଣି ଚେତାବନୀ ଦେଇଛି । ସେପଟେ ଦେଶର ବିତାଡ଼ିତ କ୍ରାଉନ ପ୍ରିନ୍ସ ରେଜା ପହଲବୀ ଆମେରିକାକୁ ଧନ୍ୟବାଦ ଜଣାଇଛନ୍ତି । ଘଟଣା ଆଗକୁ ନୂଆ ମୋଡ଼ ନେଇପାରେ । ଇରାନରେ ଦରଦାମ୍ ବଢୁଥିବାରୁ ଲୋକ ଅତିଷ୍ଠ ହୋଇପଡ଼ିଲେଣି । ତେଣୁ ଦେଶରେ ଉଗ୍ର ହୋଇଛି ଜେନ ଜି ଆନ୍ଦୋଳନ । ସରକାରଙ୍କ ଟିକସ ବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବୋଝ ଦର୍ଶାଇ ଖାମନେଇ ସରକାରଙ୍କୁ ଗାଦିଚ୍ୟୁତ କରିବା ଦାବି ବଢ଼ିବାରେ ଲାଗିଛି ।

## ୬୩ ନକ୍ସଲଙ୍କ ଆତ୍ମସମର୍ପଣ

ଛତିଶଗଡ଼, ୯/୧ (ନି.ପ୍ର): ଛତିଶଗଡ଼ର ଦନ୍ତେୱାଡାରେ ଶୁକ୍ରବାର ୬୩ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୮ ଜଣ ମହିଳା ଅଛନ୍ତି। ଦନ୍ତେୱାଡା ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଦରଭା ଡିଭିଜନ, ଦକ୍ଷିଣ ବସ୍ତର, ମାଡ଼ ଓ ଓଡ଼ିଶାରେ ସକ୍ରିୟ ରହିଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣଙ୍କ ଉପରେ ମୋଟ ୧ କୋଟି ୧୯ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରହିଥିଲା। ୭ ଜଣଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ରହିଥିବା ବେଳେ ୭ ଜଣଙ୍କ ଉପରେ ୫ ଲକ୍ଷ ଲେଖାଏ, ୮ ଜଣଙ୍କ ଉପରେ ୨ ଲକ୍ଷ ଲେଖାଏ, ୧୧ ଜଣଙ୍କ ଉପରେ ୧ ଲକ୍ଷ ଲେଖାଏ ଓ ୩ ଜଣଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ରହିଥିଲା। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ତତ୍କାଳ ୫୦ ହଜାର ଟଙ୍କାର ସହାୟତ ପ୍ରଦାନ କରାଯିବ। ତା'ପରେ ଛତିଶଗଡ଼ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ଅନ୍ୟ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଦୁଇ ଦିନ ତଳେ ଛତିଶଗଡ଼ର ସୁକମାରେ ୨୬ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ। ୨୦୨୫ରେ ଛତିଶଗଡ଼ରେ ୧୫୦୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶରେ ନକ୍ସଲଙ୍କ ମୂଳୋତ୍ପାଟନ କରାଯିବ ବୋଲି କେନ୍ଦ୍ର ସରକାର ଦୃଢ଼ ସଂକଳ୍ପ ନେଇଛନ୍ତି।

# ଇଫକୋ ସହଭାଗିତାରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ,୦୯/୧ (ନି.ପ୍ର): ପାରାଦୀପସ୍ଥିତ ବିଶ୍ୱର ସର୍ବବୃହତ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ସହଭାଗିତାରେ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ନେହେରୁ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ଥାନୀୟ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନଙ୍କ ସମେତ ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ, ଡିଏଫଓ ରାଜନଗର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜ୍ୟର ସମସ୍ତ ପିକନିକ୍ ସ୍ପଟ୍‌ମାନଙ୍କରେ ଅଳିଆ ଆବର୍ଜନା ନକରିବା ପାଇଁ ରାଜ୍ୟ ସରକାର ଆହ୍ୱାନ ଦେଇଛନ୍ତି । ନେହେରୁ ବଙ୍ଗଳାଠାରେ ମହାନଦୀ ସମୁଦ୍ର ମୁହାଣ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳ । ଏହି ଅଂଚଳର ଉନ୍ନୟନ କାର୍ଯ୍ୟ ପାରାଦୀପ ପୌରପାଳିକା ପକ୍ଷରୁ ବ୍ୟାପକ ଭାବେ କରାଯାଉଛି । ଏହା ପର୍ଯ୍ୟଟକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ଏଠାକୁ ଆସି ଭୋଜି କରିବା ସହିତ ପ୍ରକୃତିର ଏହି ମନୋରମ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ଏଣି ଏଭଳି ସୁନ୍ଦର ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏକକ ବ୍ୟବହୃତ ପଲିଥିନ ବର୍ଜନ ପାଇଁ ସମସ୍ତେ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ପୌର ପାଳିକାର ପାରିଷଦ, ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ଗଣପତି ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଦୁଇ ଦିନିଆ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

ନୂଆପଡା,୦୯/୧ (ନି.ପ୍ର): ନୂଆପଡ଼ା ପୋଲିସ ପଡିଆ ଠାରେ ଦୁଇ ଦିନ ବ୍ୟାପୀ ଚାଲିଥିବା ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆଜି ଉଦଯାପିତ ହୋଇଯାଇଛି । ମେଳାର ଦ୍ୱିତୀୟ ଦିନରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୂଖ୍ୟ ଅତିଥି ଭାବରେ ଯୋଗ ଦେଇ ସମସ୍ତ ଚାଷୀଙ୍କୁ ଉଦବୋଧନ ଦେଇଥିଲେ । ସେ ଚାଷୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠେଇବାକୁ ପ୍ରେରଣା ଦେବା ସହିତ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଆଶ୍ୱାସନା ଦେଇଥିଲେ । ଏଥିସହିତ ସେ ଚାଷୀଙ୍କୁ ଧାନ ଫସଲ ବ୍ୟତୀତ ଅନ୍ୟାନ୍ୟ ଚାଷ କରିବାକୁ ଆହ୍ୱାନ ଦେଇଥିଲେ । ସେହିଭଳି ଗୋପାଳକ ଚାଷୀଙ୍କୁ ଦୁଗ୍ଧ ଉତ୍ପାଦନ, ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତି ଓ ରପ୍ତାନି, ଗୋବରକୁ ଶୁଖେଇ ତାର ରପ୍ତାନି କରିବାକୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ମାନଙ୍କ ଭାବରେ ଡ଼ . ସୋନିଆ ଗୋଲ୍ଡି ଅଗ୍ରୱାଲ ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ, ପ୍ରଫୁଲ୍ଲ କୁଜୁର ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ), ପୁଷ୍ପାଞ୍ଜଳି ନନ୍ଦ ଅଧକ୍ଷା ପଞ୍ଚାୟତ ସମିତି ଅଧକ୍ଷ ଖଡ଼ିଆଳ, ମାଧୁରୀ ମାଝୀ ଅଧକ୍ଷା ପଞ୍ଚାୟତ ସମିତି ସିନାପାଲି, ଭାନୁ ପ୍ରତାପ ମାଝୀ ଜିଲ୍ଲା ପରିଷଦ ସଭ୍ୟ , ଡ. ସୁଖେନ୍ଦୁ ରାୟ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ ବିଜନ କୁମାର ସାହୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ସହ ମେଳାର ଶୁଭାରମ୍ଭ କରିଥିଲେ । ବିଭାଗୀୟ ଅଧିକାରୀମାନେ ଅତିଥି ମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ସହ ସମ୍ବର୍ଦ୍ଧନା କରି ସ୍ୱାଗତ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ସମ୍ପଦ ବିକାଶ ବିଭାଗରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଗୁଡିକ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନା, ଗୋ ସମ୍ପଦ ବୀମା ଯୋଜନା, ସବୁଦିନିଆ ଘାସ ଚାଷ ଓ ଲିଙ୍ଗ ନିରୁପିତ ଶୁକ୍ର ଦ୍ୱାରା କୃତ୍ରିମ ପ୍ରଜନନର ଉପଯୋଗୀତା ସମ୍ବନ୍ଧରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ ସମୃଦ୍ଧି ଯୋଜନା, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍, ଟେଲି ଭେଟରିନାରୀ ସର୍ଭିସ, ବୁଲା ପ୍ରାଣୀ ମାନଙ୍କ ଚିକିତ୍ସା ନିମନ୍ତେ ଉପଲବ୍ଧ ଥିବା ସୁବିଧା ଗୁଡ଼ିକ ବିଷୟରେ ଜଣାଇଥିଲେ । ଅତିଥି ବୃନ୍ଦ ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀ ବୁଲିବା ସହ ମେଳାରେ ଭାଗ ନେଇ ଥିବା ମତ୍ସ୍ୟ ଚାଷୀ , ଗୋପାଳକ, ଛେଳି ମେଣ୍ଢା ପାଳକ, କୁକୁଡ଼ା ଚାଷୀ ଏବଂ ସ୍ୱଂୟ ସହାୟିକା ଗୋଷ୍ଠୀର ସମସ୍ତ ମହିଳା ମାନଙ୍କୁ ସରକାରୀ ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ କରିଥିଲେ । ଚାଷୀ ମାନଙ୍କୁ ଉଦବୋଧନ ଦେଇ କେବଳ ପାରମ୍ପରିକ ଚାଷରେ ସୀମିତ ନ ରହି ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ନୂତନ ଜ୍ଞାନ କୌଶଳକୁ ଆପଣେଇ ନେବାକୁ ଉତ୍ସାହିତ କରିଥିଲେ ଓ ପ୍ରାଣୀ ପାଳନ ମାଧ୍ୟମରେ ବେକାରୀ ସମସ୍ୟା ନିରାକରଣ ଦିଗରେ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ଚାଷୀ ନରେନ୍ଦ୍ର ସିଂ ଧରୁଆଙ୍କୁ ମାଛ ଜାଆଁଳା ଉତ୍ପାଦନ, ଶ୍ୟାମଲାଲ୍ ମାଝୀଙ୍କୁ ମତ୍ସ୍ୟ ପୋଖରୀ ଯୋଜନା, ପୂଜା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଛେଳି ପାଳନ, ପରମାନନ୍ଦ ମାଝୀଙ୍କୁ ଛେଳି ଓ ଅଣ୍ଡାଦିଆ କୁକୁଡ଼ା ପାଳନ, ମଧୁ ମିଶ୍ରଙ୍କୁ ଶୀତ ତାପ ନିୟନ୍ତ୍ରିତ କୁକୁଡ଼ା ପାଳନ ପାଇଁ ସମ୍ମାନୀତ କରାଯାଇଥିଲା କ୍ଷ ଚାଷୀ ରୂପେଶ ଅହିର ମଇଁଷି ପାଳନ, କିଶୋରୀ ସାହୁ ଗୋପାଳନ, ନମିତା ପ୍ରଧାନ କୁକୁଡ଼ା ପାଳନ, ବାସନ୍ତୀ ସାହୁ ମଇଁଷି ପାଳନ ପାଇଁ ମୁଖ୍ୟ ଅତିଥିଙ୍କ କରକମଳରୁ ଆର୍ଥିକ ସହାୟତା ରାଶି ଗ୍ରହଣ କରିଥିଲେ ।

## ପୁନର୍ବାସ ପକ୍ଷରୁ ସାଂସ୍କୃତିକ ଉତ୍ସବ ଅଭିନ୍ନ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୦୯/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏକ ନିଆରା ସାଂସ୍କୃତିକ ଉତ୍ସବ "ଅଭିନ୍ନ"ସ୍ଥାନୀୟ ମାଧପୁରସ୍ଥିତ ଅମର ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ଏଇ ଭିନ୍ନ ଉତ୍ସବରେ ଚିତ୍ର,ସଙ୍ଗୀତ ଓ ନୃତ୍ୟ ପୁଣି ଶିଶୁଙ୍କ ମା'ମାନଙ୍କ ମଧ୍ୟରେ ଦୌଡ଼, ଢଗଢମାଳି ଓ ଚକ୍ଷୁପଟ୍ଟଳି ପରି ଏକାଧିକ ବିଭାଗରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଦୈନିକ ଜୀବନଚର୍ଯ୍ୟାରେ ସାମାନ୍ୟ ଆନନ୍ଦଭରା ବିବିଧତା ଓ ଜୀବନ ପ୍ରତି ଉତ୍ସାହ ସୃଷ୍ଟି ନିମନ୍ତେ "ଅଭିନ୍ନ"ପରି ଏକ ସମ୍ବଳିତ ସାଂସ୍କୃତିକ ଉତ୍ସବର ପରିକଳ୍ପନା ବୋଲି ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ ପ୍ରକାଶ କରନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଭିନ୍ନ ଭିନ୍ନ ବର୍ଗର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଶିଶୁ ହିତାଧିକାରୀ ଓ ସେମାନଙ୍କର ଅବିଭାବକମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଓ ବିଶିଷ୍ଟ ଲେଖକ ତଥା ଗବେଷକ ଗୋଲକ ବିହାରୀ ସିଂହ ପ୍ରମୁଖ ଯୋଗଦେଇ ଉଭୟ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ପ୍ରତିଯୋଗୀ ଶିଶୁ ଏବଂ ସେମାନଙ୍କ ମାତାମାନଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠିତ ହୋଇଥିବା ସମସ୍ତ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୁନର୍ବାସର ଷ୍ଟାଫ୍ ଥେରାପିଷ୍ଟ୍ ଗୁଞ୍ଜନସ୍ମିତା ବେହେରା, କୀର୍ତ୍ତୀ ଦାଶ, ସାଇଶ୍ରୀତା ମେକାପ, ସୌମ୍ୟରଞ୍ଜନ ଦାସ,ସଂଜୀବ କୁମାର ଜେନା, ରାଜେନ୍ଦ୍ର ମହାପାତ୍ର, କେଦାରନାଥ ବାରିକ, ଧରଣୀଧର ସେଠୀ,ଶିବାନୀ ପ୍ରିୟଦର୍ଶିନୀ ଭୋଳ, ମିହିର ରଞ୍ଜନ ବାରିକ,ରଞ୍ଜନ ସ୍ୱାଇଁ, ପ୍ରଭାତ ସାମଲ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ସଭ୍ୟ ମହମ୍ମଦ୍ ଜାହିଦ୍ ଖାନ୍, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ପ୍ରସାଦ ଦାସ, ସଞ୍ଜୟ କୁମାର ଜେନା, କ୍ଷୀରୋଦ କର ପ୍ରମୁଖ ଉପସ୍ଥିତ ଥାଇ ଦିବ୍ୟାଙ୍ଗ ଶିଶୁଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର,୦୯/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲ୍ଲାର ଆଗାମୀ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡଃ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଏହି ପ୍ରସ୍ତୁତି ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ଅନୁଯାୟୀ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ଓ ଆଲୋଚନା ଅନୁଯାୟୀ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଆଲୋଚନା ସମୟରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଯେଉଁ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଆୟୋଜନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କ ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ଉପ-ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୌମ୍ୟାରୁପା ରଥ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ବେଣୁଧର ଦାଶ, ସମାଜସେବୀ, ବୀରମହାରାଜପୁର, ସୋନପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ ବୃନ୍ଦ, ସୋନପୁର ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ପ୍ରତିନିଧି ବୃନ୍ଦ, ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ/ ଅଧକ୍ଷା ଓ ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ/ ଶିକ୍ଷୟତ୍ରୀ ବୃନ୍ଦ,ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ ଏହି ପ୍ରସ୍ତୁତି ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୈଠକ ଶେଷରେ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

# ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତିରେ ଶୁଭସ୍ତମ୍ଭ ସ୍ଥାପନ : ଫେବୃୟାରୀ ୨ରୁ ୪ ପର୍ଯ୍ୟନ୍ତ ଝଲସିବ ପାଟଣେଶ୍ୱରୀ ମନ୍ଦିର

ବଲାଙ୍ଗିର,୦୯/୧ (ନି.ପ୍ର): ବଲାଙ୍ଗିରର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେବାଳୟ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ଫେବୃୟାରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ପାଟଣେଶ୍ୱରୀ ମହୋତ୍ସବ ଆୟୋଜିତ ହେବ । ଏହି ଉଦ୍ଦେଶ୍ୟରେ ରାଜପୁରୋହିତ ସନ୍ତୋଷ କୁମାର ଦାଶ ମା ପାଟଣେଶ୍ୱରୀ ରାଶି ନକ୍ଷତ୍ର ଓ ମହାରାଜଙ୍କ ରାଶିନକ୍ଷତ୍ରରେ ଦିନ ଧାର୍ଯ୍ୟ ହୋଇଥିଲା । ମା ପାଟଣେଶ୍ୱରୀ ମନ୍ଦିର ପରିସରରେ ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା । ପ୍ରଥମେ ମା ପାଟଣେଶ୍ୱରୀ ଦେବୀଙ୍କ ଗୁପ୍ତପୂଜା କରି ଆଜ୍ଞାମାଳ ଅଣାଯାଇଥିଲା । ବେଦମନ୍ତ୍ର ଓ ତନ୍ତ୍ରରେ ପୂଜା ଆୟୋଜିତ ହୋଇଥିଲା । ପୂଜାରେ କର୍ତ୍ତାରୂପେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ପୌରାଧକ୍ଷା ଲିକା ସାହୁ, ଡ. ରୁଦ୍ର ନାରାୟଣ ପଟେଲ, ଦେବାଳୟ ଐତିହ୍ୟ ଟ୍ରଷ୍ଟ ସଭାପତି ଜୟକୃଷ୍ଣ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଅନିତା ମିଶ୍ର ସଂକଳ୍ପ ନେଇଥିଲେ । ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ପଣ୍ଡିତ ରଘୁନାଥ ଶତପଥି, ଅମୀତ ତ୍ରିପାଠି, ମନ୍ଦିର ପୂଜକ ମହେନ୍ଦ୍ର ଦିସ୍ରୀ ବେଦମନ୍ତ୍ର ଉଚ୍ଚାରଣ କରି ପୂଜା ଦାୟିତ୍ୱ ସହଯୋଗ କରିଥିଲେ । ଲଗ୍ନ ଅନୁସାରେ ଦିନ ୧୧ଟା ୩୦ ମି. ରେ ଶୁଭସ୍ତମ୍ଭକୁ ରାଜପୁରୋହିତ ସ୍ଥାପନ କରିଥିଲେ । ଆଗାମୀ ଦିନରେ ୬୦୦ ରୁ ଊର୍ଦ୍ଧ୍ୱ ମନ୍ଦିରକୁ ମା ଙ୍କ ନିୟତା ଯିବ ବୋଲି କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା ।

# ଓଡିଶା ସ୍କିଲ୍ସ ୨୦୨୫-୨୬ ଉଦ୍‌ଘାଟିତ

ଭୁବନେଶ୍ୱର,୦୯/୧ (ନି.ପ୍ର): ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡିଶା ସ୍କିଲ୍ସ ୨୦୨୫-୨୬ର ଉଦଘାଟନ କରିଛନ୍ତି । ସମାରୋହକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ ଦକ୍ଷତା ବିକାଶ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ରୂପାନ୍ତରଣର ମୁଖ୍ୟ ଅଂଶ । ଓଡିଶା ସ୍କିଲ୍ସ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏକ ଏଭଳି ପ୍ଲାଟଫର୍ମ, ଯେଉଁଠି ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଉତ୍କର୍ଷ ମନୋବୃତ୍ତି ବୃଦ୍ଧି ପାଏ । ବିକଶିତ ଓଡିଶା ଦକ୍ଷ, ଆତ୍ମବିଶ୍ୱାସୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ମନୋବୃତ୍ତି ଥିବା ଯୁବପିଢିଙ୍କ ଦ୍ୱାରା ଗଠନ ହୋଇପାରିବ । ଓଡିଶା ସ୍କିଲ୍ସ ପ୍ରତିଯୋଗିତାରେ ଏହାର ପ୍ରତିଫଳନ ଦେଖିବାକୁ ମିଳେ ବୋଲି ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ।

ଏହି ପ୍ରତିଯୋଗିତା ସାରା ରାଜ୍ୟରୁ ୫ଶହରୁ ଅଧିକ ଯୁବ ପ୍ରତିଯୋଗୀଙ୍କୁ ଏକାଠି କରିଛି । ସେମାନେ ଶିଳ୍ପର ଆବଶ୍ୟକତା ତଥା ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ସହ ୪୯ଟି ଦକ୍ଷତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜେତାମାନେ ଜାତୀୟସ୍ତରରେ ଓଡିଶାକୁ ପ୍ରତିନିଧିତ୍ୱ କରିବେ ଏବଂ ପରବର୍ତ୍ତୀ ସମୟରେ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଦୁଇବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାକୁ ସ୍କିଲ ଅଲିମ୍ପିକ୍ସ ବୋଲି ମଧ୍ୟ କୁହାଯାଏ ।

ଚଳିତ ବର୍ଷ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ଦକ୍ଷତା ବର୍ଗରେ ଓଡିଶା ସ୍କିଲ୍ସ ୨୦୨୫-୨୬ର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଆସପାୟାର ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର ପ୍ରଦାନ କରାଯିବ । ଏହା ଉତ୍କର୍ଷକୁ ସ୍ୱୀକୃତି ଦେବା ସହ ଯୁବପିଢିଙ୍କୁ ଉଚ୍ଚସ୍ତରର ଦକ୍ଷତା ହାସଲ କରିବାକୁ ପ୍ରୋତ୍ସାହିତ କରିବ । ଛାତ୍ରଛାତ୍ରୀଙ୍କୁ ଓଡିଶା ସ୍କିଲ୍ସ ପ୍ରତିଯୋଗିତାକୁ ଏକ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ପାହାଚ ଭାବେ ଦେଖିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ କରିଥିଲେ । ପ୍ରତିଯୋଗିତା ଫଳାଫଳରୁ ଶିକ୍ଷା ଗ୍ରହଣ କରିବା ସହ ପ୍ରତିଷ୍ଠାନର ଉନ୍ନତି ପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଅନୁଷ୍ଠାନ ଓ ପ୍ରଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସର୍ବୋତ୍ତମ ଅଭ୍ୟାସଗୁଡିକୁ ଚିହ୍ନଟ କରିବା ସହ ଶିଳ୍ପ ମାନଦଣ୍ଡ ସହିତ ପରିଚିତ ହେବା ପାଇଁ ପ୍ଲାଟଫର୍ମକୁ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ପରିଚାଳନା ଅଧିକାରୀ, ପ୍ରିନସିପାଲ୍, ଡେପୁଟି ପ୍ରିନସିପାଲ୍, ଶିଳ୍ପ ଅଂଶୀଦାର, ବିଶେଷଜ୍ଞ, ଜୁରୀ ସଦସ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡିଶା ସ୍କିଲ୍ସ ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ । ଆସନ୍ତା ଜାନୁଆରୀ ୯ ତାରିଖରେ ବିଜୟୀ ପ୍ରତିଯୋଗୀଙ୍କର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ ।

# ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସଡକ ସୁରକ୍ଷା ମାସ ଅଭିଯାନ

ଧର୍ମଶାଳା,୦୯/୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ୍ କ୍ରସ୍ ଆନୁକୂଲ୍ୟରେ ସଡକ ସୁରକ୍ଷା ମାସ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସଡକ ସୁରକ୍ଷା ପ୍ଲାକାର୍ଡ ଧରି ବ୍ରହ୍ମବରଦା ଅଂଚଳକୁ ଶୋଭାଯାତ୍ରାରେ ଯାଇ ଜନସାଧାରଣ ଓ ବାଇକ୍ ଚାଳକମାନଙ୍କୁ ସଚେତନ କରାଇ ଥିଲେ । ମହାବିଦ୍ୟାଳୟ ସଭାଗୃହ ପରିସରରେ ଅଧକ୍ଷ ମହେଶ୍ୱର ପାଢୀଙ୍କ ସଭାପତିତ୍ୱରେ ଅତିଥିଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅତିରିକ୍ତ ଅଧିକାରୀ ଖଗେଶ୍ୱର ମୁର୍ମୁ,ଚଣ୍ଡିଖୋଲ ଟ୍ରାଫିକ୍ ଇନିସପେକ୍ଟର ଯୁଗଳ କିଶୋର ତିରିଆ,ଓଡିଶା ସରକାରଙ୍କ ଛତିଆ ଟ୍ରେନିଂ ସେଂଟର ମୁଖ୍ୟ ପ୍ରଦୀପ କୁମାର ଘଡାଇ, ରୋଡ ସେଫ୍ଟି ଫିଜିକାଲିଷ୍ଟ ସନ୍ତୋଷ କୁମାର ମିଶ୍ର,ବ୍ରହ୍ମବରଦା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ,ଜାତୀୟ ସେବା ଯୋଜନା ତଥା ୟୁଥ୍ ରେଡ୍ କ୍ରସ୍ ସଂଯୋଜକ ବାବୁଲା ରଣା ଓ ବ୍ରହ୍ମବରଦା ଥାନା ଏଏସ୍ଆଇ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ସତର୍କ ମୂଳକଭାବେ ଗାଡି ଚାଳନା କରିବା ଆମର ପ୍ରଥମ ଦାୟିତ୍ୱ ଓ ଶୃଙ୍ଖଳିତଭାବେ ଗାଡି ଚାଳନା କଲେ କୌଣସି ସଚେତନତା କରିବା ଆବଶ୍ୟକ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅମୂଲ୍ୟ କୁମାର ପତି ସ୍ୱାଗତ ଭାଷଣ ଓ ଅଧ୍ୟାପକ ସଂଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ଅଧ୍ୟାପକ ଡ. ରଶ୍ମିକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଶିବପ୍ରସାଦ ସାହୁ,ଅଧ୍ୟାପିକା ଜୟନ୍ତୀ ନାୟକ,ରଶ୍ମିତା ସାମଲ,ସାଗରିକା ଦାସ,ସଂଜିତା ପରୱିନ୍,ଧର୍ମେନ୍ଦ୍ର ମହାନ୍ତି,ବିନୟ କୁମାର ରାଉତ,ବିବେକାନନ୍ଦ ଜେନା ଓ ସୁନିଲ କୁମାର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏଲଆଇସି ଏଜେଂଟଙ୍କଠାରୁ ଲୁଟିନେଲେ ୩ ଲକ୍ଷ

ଭଦ୍ରକ,୦୯/୧ (ନି.ପ୍ର): ଚାନ୍ଦବାଲି ଅଂଚଳରେ ଦିନକୁ ଦିନ ଅପରାଧିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।ଖୁଲମ ଖୋଲା ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଦିନ ଦ୍ୱୀପହରେ କରୁଛନ୍ତି ଲୁଟ । ଆଜି ବାଂଶଡା ଥାନା ଅଧିନ ଜଣେ ଏଲ ଆଇ ସି ଏଜେଂଟଙ୍କ ଠାରୁ ଲୁଟି ନେଲେ ୩ଲକ୍ଷ ଟଙ୍କା ।ସୂଚନା ମୁତାବକ ଚନ୍ଦବାଲି ବ୍ଲକ ଘଣ୍ଟେଶ୍ୱରର ଏଲ ଆଇ ସି ଏଜେଂଟ ସୁଶାନ୍ତ ପଣ୍ଡା ୩ଲକ୍ଷ ଟଙ୍କା ନେଇ ଚାନ୍ଦବାଲି ଏଲ ଆଇ ସି ଅଫିସକୁ ଡିପୋଜିଟ କରିବା ପାଇଁ ଯାଉଥିଲେ । ଘଂଟେଶ୍ୱର-ବୈଦପୋଖରୀ ରାସ୍ତାର ପଲେଇସାହି ଛକ ନିକଟରେ ପଛପଟୁ ଦୁଇ ଜଣ ଡକାୟତ ଆସି ତାଙ୍କୁ ମାଡ଼ ମାରି ରାସ୍ତା କଡ଼କୁ ଫିଙ୍ଗି ଦେଇଥିଲେ । ତା ସହିତ ଟଙ୍କା ଥିବା ବ୍ୟାଗକୁ ତାଙ୍କ ଠାରୁ ଲୁଟି ଚମ୍ପଟ ମାରିଥିଲେ । ଖବର ପାଇ ବାଂଶଡା ଥାନାଧିକାରୀ ଘଟଣାସ୍ଥଳରେ ପହଂଚି ଛାନଭିନ ଜାରି ରଖିଛନ୍ତି ।

# ଏମ୍ସକୁ ଆମ୍ବୁଲାନ୍ସ ଗ୍ରୀନ କରିଡ଼ର ପାଇଁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୦୯/୧ (ନି.ପ୍ର): ଏମ୍ସକୁ ଆମ୍ବୁଲାନ୍ସ ଗ୍ରୀନ କରିଡ଼ର ।ଇଁ ଜବର ଦଖଲ ଉଚ୍ଛେଦ । ଆଜି ଏମ୍ସ ରାସ୍ତାର ଉଭୟ ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ ହୋଇଛି । ବିଏମସି ଏବଂ ବିଡିଏର ମିଳିତ ସହଯୋଗରେ ଏହି ଉଚ୍ଛେଦ ହୋଇଛି । ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ଠାରୁ ଆରମ୍ଭ କରି ୧୬ନମ୍ବର ଜାତୀୟ ରାଜଥ ଫ୍ଲାଏ ଓଭର ବ୍ରିଜ ପର୍ଯ୍ୟନ୍ତ ଉଚ୍ଛେଦ କରା ଯାଇଛି । କବଡିଆ ଦୋକାନ ଠାରୁ ଆରମ୍ଭ କରି ହୋଟେଲ୍, ଜଳଖିଆ ଦୋକାନ, ଚା ଦୋକାନ, ଓମଫେଡ୍ ଷ୍ଟଲ୍,ଗ୍ୟାରେଜ ଆଦି ଭାଙ୍ଗି ଦିଆଯାଇଛି । ଉଚ୍ଛେଦ ପୂର୍ବରୁ ବିଜ୍ଞପ୍ତି ଜାରି କରାଯିବା ସହ ଗତକାଲି ସନ୍ଧ୍ୟାରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ମଧ୍ୟ ଦିଆଯାଇଥିଲା । ଆଜି ସକାଳୁ ସକାଳୁ ୪ଟି ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲା । ବୁଲଡୋଜର ଆସିବା ପୂର୍ବରୁ କିଛି ବ୍ୟବସାୟୀ ନିଜର କ୍ୟାବିନ ଉଠାଇ ନେଇଥିଲେ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି ।

# ୨୫ତମ ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ପାରାଦୀପ,୦୯/୧ (ନି.ପ୍ର): ଗୁରୁବାର ଦିନ ପାରାଦୀପ ଜୟଦେବ ସଦନ ପରିସରରେ ୨୫ ତମ ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଆୟୋଜନ କମିଟିର ଅଧକ୍ଷ ହିମାଂଶୁ ଶେଖର ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ସମାରୋହରେ । ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାରୋହକୁ ଉଦଘାଟନ କରିଥିଲେ । ସଂସ୍କୃତି ମଣିଷ ଭିତରେ ଥିବା ସୁନ୍ଦରତାକୁ ପରି ପ୍ରକାଶ କରିଥାଏ । ୨୫ତମ ଏହି ମହୋତ୍ସବର ଆୟୋଜନ ଓଡିଶା ମାଟିରେ ହେଉଛି । ପାରାଦୀପ ବନ୍ଦର ଏହି ମହୋତ୍ସବର ଆୟୋଜନ କରୁଥିବାରୁ ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ କହିଥିଲେ । ଓଡିଶା କଳା, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ରାଜ୍ୟ, ଓଡିଶୀ ନୃତ୍ୟ, କଳା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ସମାରୋହରେ ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ସିଏମଇ ସୁଶୀଲ କୁମାର ନାହାକ, ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜନ କମିଟିର ସମ୍ପାଦକ ଡା. ଡି.ପି. ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ପାରାଦୀପ, ଚେନ୍ନାଇ, କୋଚିନ୍ ?, ଦିନଦୟାଲ, ଜବାହାରଲାଲ ନେହେରୁ ବନ୍ଦର, କୋଲକତା, ମୁମ୍ବାଇ, ବିଶାଖାପାଟଣା ବନ୍ଦର ସମେତ ଭି ଓ ଚିଦାମବରନ୍ ବନ୍ଦରର ପ୍ରତିଯୋଗଗୀମାନେ ଅଂଶଗ୍ରହଣ କରୁଛନ୍ତି ।

# ଉପଖଣ୍ଡ ସାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା: ସାସ୍ଥ୍ୟସେବା ବିପର୍ଯ୍ୟସ୍ତ

ନୂଆପଡ଼ା,୦୯/୧ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆଳ ପ୍ରମୁଖ ସହର । ଖଡିଆଳ ଠାରେ ଥିବା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଖଡିଆଳ, ସିନାପାଲି, ବୋଡେନ, କୋମନା ଅଂଚଳର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରୁଥିବା ବେଳେ ପଡୋଶୀ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା, ତୁରେକେଲା, ଖଡିଆଳକୁ ଲାଗି ଥିବା ନିକଟସ୍ଥ କଳାହାଣ୍ଡି ଜିଲାର ବୋର୍ଡା ଓ ପଡୋଶୀ ଛତିଶଗଡ଼ ରାଜ୍ୟର ଦେଓଭୋଗ ଅଂଚଳର ଲୋକେ ନିର୍ଭର କରିଥାନ୍ତି । ଦୈନିକ ୩୦୦ ରୁ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଏଠାରେ ନିର୍ଭର କରିଥାନ୍ତି । ହେଲେ ଏହି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କରିଦେଇଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୧୯ ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବାବେଳେ ଜଣେ ଏମଓ ଇନଚାର୍ଜ ରହିବା କଥା । କିନ୍ତୁ, ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଉଥିବା ଜଣାପଡିଛି । ଡାକ୍ତର ସମସ୍ୟାର ସମାଧାନ ଦାବୀ ନେଇ ଖଡିଆଳ ଅଂଚଳର ସଚେତନ ନାଗରିକ ମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଅଭିଯୋଗ ଅଭିଯୋଗରେ ରହିଯାଇଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଭିଯୋଗ କଲେ ମଧ୍ୟ ସେ ଡାକ୍ତର ସମସ୍ୟା ରହିଥିବାରୁ ଏହାର ସମାଧାନ ହୋଇପାରୁନଥିବା ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ଡାକ୍ତର ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ମୁରୈନା ଚଉଷଠି ଯୋଗନୀ ମନ୍ଦିର୍



ମଧ୍ୟପ୍ରଦେଶ ଅନ୍ତର୍ଗତ ମୁରୈନା ଜିଲ୍ଲାର ମିତାଓ୍ୱଲୀରେ ଭାରତର ଅନ୍ୟତମ ଚଉଷଠି ଯୋଗିନୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ବହୁ ଲୋକ ଇକଂତେଶ୍ୱର ମହାଦେବ ମନ୍ଦିର ମଧ୍ୟ କୁହନ୍ତି । ମନ୍ଦିର ମଧ୍ୟରେ ମୋଟ ଚଉଷଠିଟି କକ୍ଷ ରହିଛି । ପ୍ରତି କକ୍ଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ରହିଛି । ମଧ୍ୟ ଭାଗରେ ଏକ ଖୋଲା ମଣ୍ଡପ ଅବସ୍ଥିତ ।



ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ମନ୍ଦିରରେ ଥିବା ଚଉଷଠି ଯୋଗିନୀଙ୍କ ପ୍ରତିମା କିଛି ଚୋରି ହୋଇଯାଇଛି । ଏହିପରି କି ସେହି ମନ୍ଦିର ମଧ୍ୟରେ ଥିବା କିଛି ପ୍ରତିମା ସଂଗ୍ରହାଳୟରେ ମଧ୍ୟ ରହିଛି । ଗବେଷକଙ୍କ ମତରେ ମିତାଓ୍ୱଲୀ ଭୂକମ୍ପ ସ୍ଥାନ ହୋଇଥିବା କାରଣରୁ ମନ୍ଦିରକୁ ଗୋଲାକାର ଭାବେ ନିର୍ମିତ କରାଯାଇଛି । ଏକଦା ଏହି ମନ୍ଦିର ତନ୍ତ୍ର ବିଦ୍ୟା, ଗଣିତ ବିଦ୍ୟା ଓ ଜ୍ୟୋତିଷ ଶାସ୍ତ୍ର ଶିକ୍ଷାର ଏକ କେନ୍ଦ୍ରସ୍ଥଳ ଥିଲା । ଭାରତର ସଂସଦ ଭବନ ଏହି ମନ୍ଦିର ଢ଼ାଞ୍ଚାରେ ଗଢ଼ାହୋଇଥିବା ଅନୁମାନ କରାଯାଏ । ଏକାଦଶ ଶତାବ୍ଦୀରେ ନିର୍ମିତ ବୃତ୍ତାକାର ମନ୍ଦିରଟିକୁ 'ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ' ଦ୍ୱାରା ପ୍ରାଚୀନ ଐତିହ୍ୟ ସଂସ୍କାରକ ଭାବେ ଘୋଷିତ କରାଯାଇଛି ।

# ଏକମାସ ମଧ୍ୟରେ ଓଜନ କମ କରିବେ କିପରି

**ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି । ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ.....**

**ହର୍ବାଲ ଟି :-** ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ । ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ । ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ । ଯାହା ଓଜନ କମାଇବାରେ ସାହାଯ୍ୟ କରିବ ।



ଓଜନ କମାଇବା ପାଇଁ ପିଅନ୍ତୁ ହର୍ବାଲଟି ।

**ବ୍ଲାକ୍ ଟି:-** ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ଏଥିରେ ଭରପୂର ମାତ୍ରାର ଆଣ୍ଟି ଅକ୍ସିଡାଣ୍ଟ



ରହିଛି, ଯାହା ୱେଟ୍ ଲସ୍ କରିବାରେ ସାହାଯ୍ୟ କରେ । ଏହା ଷ୍ଟ୍ରୋକରୁ ମଧ୍ୟ ରକ୍ଷା କରିଥାଏ ।

**ଲେମନ ଟି:-** ଲେମନଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ । ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ । ଏହା ମେଟାବଲିଜମକୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ ।





**ଗ୍ରୀନଟି:** ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରେ । ଯଦି ଆପଣ ଓଜନ କମ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ ଟି ପିଅନ୍ତୁ । ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ । ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ ଟି ପିଅନ୍ତୁ ।

**ତୁଳସୀ ଟି:-** ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ କମ ଦିନରେ କମାଏ । ପ୍ରତିଦିନ ଏକ କପ ତୁଳସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ । ଏହା ପାଚନତନ୍ତ୍ର, ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଠିକ୍ ରଖିଥାଏ ।

**ପୋଦିନା ଟି:-** ପୋଦିନାଟି ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ୱେଟ୍ ଲସ୍ କରେ । ପ୍ରତିଦିନ ଏକ କପ୍ ପୋଦିନୀ ଟି ପିଇବା ଦ୍ୱାରା କ୍ୟାନସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍‌ରୁ ମଧ୍ୟ ରକ୍ଷା କରିଥାଏ ।



# ଖଣ୍ଡୋବା ମନ୍ଦିର




ପୁଣେ ଠାରୁ ପ୍ରାୟ ପଚାଶ କିଲୋମିଟର ଦୂର ଧାର୍ମିକ ନଗରୀ ଜେଜୁରୀ ସହରରେ ଖଣ୍ଡୋବା ମନ୍ଦିର ଅବସ୍ଥିତ । ଏକ ଛୋଟ ପାହାଡ଼ ଉପରେ ପ୍ରଭୁଙ୍କ ମନ୍ଦିର । ଦର୍ଶନ ପାଇଁ ପାଖାପାଖି ତିନି ଶହ ପାହାଚ ଚଢ଼ିବାକୁ ପଡ଼େ । ଖଣ୍ଡୋବାଙ୍କ ପ୍ରତିମା ଏକ ଘୋଡ଼ା ଉପରେ ଯୋଦ୍ଧା ଶୈଳୀରେ ବିରାଜମାନ । ପ୍ରଭୁ ଖଣ୍ଡୋବା ଭଗବାନ ଶିବଙ୍କ ଅବତାର । ମଲହାର ଏବଂ ଆନ୍ଧ୍ର ପ୍ରଦେଶର କିଛି ଅଞ୍ଚଳରେ ପ୍ରଭୁ ମୁଖ୍ୟ ଦେବତା ଭାବେ ପୂଜା ପାଆନ୍ତି । ଭଗବାନ ଖଣ୍ଡୋବାଙ୍କ ପୌରାଣିକ ମହତ୍ତ୍ୱ ସଂପର୍କରେ ଏକାଧିକ ଲୋକମତ ଓ ଦନ୍ତି ପ୍ରଚଳିତ । ସାହିତ୍ୟ କୃତି 'ମଲହାରୀ ମାହାତ୍ମ୍ୟ'ରେ ଜଣେ ଯୋଦ୍ଧା ରାଜା ଭାବେ ଖଣ୍ଡୋବାଙ୍କୁ ବର୍ଣ୍ଣନା କରାଯାଇଛି । ମାର୍ଗଶୀର ମାସରେ ପ୍ରଭୁଙ୍କର ବଡ଼ମେଳା ଆୟୋଜିତ ହୁଏ । ଦଶହରା ଓ ଚୈତ୍ର ପୂର୍ଣ୍ଣିମା ଖଣ୍ଡୋବାଙ୍କ ଅନ୍ୟ ଦୁଇଟି ମୁଖ୍ୟ ପର୍ବ ।

# ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆର୍ନ୍ତଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ। ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ। ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ । ଭଲ ଭାବେ ଶେଶଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।



# ଖର୍ଚ୍ଚ ହେବନି ଅଧିକ ଟଙ୍କା : ଦୀର୍ଘାୟୁ ହେବାକୁ ଖାଆନ୍ତୁ ଦୁନିଆର ସବୁଠୁ ଭଲ ଏହି ସ୍ୱାସ୍ଥ୍ୟକର ଖାଦ୍ୟ



ଆମେ ଯେଉଁ ଖାଦ୍ୟ ଖାଉ ତାର ସିଧା ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ରହିଥାଏ। ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପିଲାବେଳୁ ଉତ୍ତମ ଖାଦ୍ୟପେୟରେ ଧ୍ୟାନଦେବା ନିହାତି ଜରୁରୀ। ଯଦି ଆପଣ ଧ୍ୟାନ ଦେଇ ନାହାନ୍ତି ତାହେଲେ ଏବେଠାରୁ ମଧ୍ୟ ଖାଦ୍ୟାଭ୍ୟାସକୁ ବଦଳାଇ ପାରିବେ। ଏବେ ଆସନ୍ତୁ ଜାଣିବା ଦୁନିଆର ଏପରି କିଛି ଖାଦ୍ୟ ଯାହାକୁ ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି କୁହାଯାଏ। ସବୁଠାରୁ ବଡ଼ କଥା ହେଉଛି ଏହି ଖାଦ୍ୟ ଖାଇବାକୁ ଆପଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି, ବଜାରରୁ ଆପଣଙ୍କୁ ଏହା ସହଜରେ ମିଳିଯିବ। ତାହେଲେ ଆସନ୍ତୁ ଜାଣିବା ସେସବୁ ଖାଦ୍ୟ କଣ କଣ ?

**ଲେମ୍ବୁ:** ଭାରତୀୟ ରୋଷେଇରେ ଲେମ୍ବୁକୁ ଅଧିକ ବ୍ୟବହାର କରାଯାଏ। ଖାଦ୍ୟରେ ଖଟାପଣ ଓ ଖାଦ୍ୟକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଲେମ୍ବୁକୁ ବ୍ୟବହାର କରାଯାଏ। ଏଥିରେ ଅଧିକ ଔଷଧୀୟ ଗୁଣ ଥିବାରୁ ଏହା ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରେ ଅନ୍ୟତମ। ଏଥିରେ ଭିଟାମିନ୍-ସି ଭରପୁର ମାତ୍ରାରେ ଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଥାଏ। ଲେମ୍ବୁ କ୍ୟାନ୍‌ସର ସେଲ୍‌କୁ ମଧ୍ୟ ଶରୀରରେ ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ନିହାତି ସାମିଲ୍ କରନ୍ତୁ।

**ଡାଲି:** ଭାରତରେ ଘରେ ଘରେ ପ୍ରାୟ ମଧ୍ୟାହ୍ନ ବା ରାତ୍ରି ଭୋଜନ ସମୟରେ ଡାଲି ସାମିଲ୍ ହୋଇଥାଏ। ଡାଲିରେ ଥିବା ପୋଷଣ ତତ୍ତ୍ୱ ପାଇଁ ଏହାକୁ ଏବେ ବିଦେଶୀ ରୋଷେଇରେ ମଧ୍ୟ ଏବେ ସାମିଲ୍ କରାଗଲାଣି। ଏଥିରେ ପ୍ରୋଟିନ୍ ଏବଂ ଫାଇବର ଭରପୁର ମାତ୍ରାରେ ରହିଥାଏ। ବିଭିନ୍ନ ପ୍ରକାର ଡାଲି ଖାଇବା ଦ୍ୱାରା ଆପଣଙ୍କ ଅଧିକରୁ ଅଧିକ ପୋଷଣ ମିଳିଥାଏ।

**ରସୁଣ:** ରସୁଣରେ ମଧ୍ୟ ପୋଷଣ ତତ୍ତ୍ୱ ରହିଛି। ଏହା ଶରୀରରେ କ୍ଷତିକାରକ ବ୍ୟାକ୍ଟେରିଆଙ୍କୁ ନଷ୍ଟ କରିବା ସହିତ କୋଲେଷ୍ଟରଲକୁ କମ୍ କରିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଆପଣ ତର୍କାରିରେ, ସୁପ୍‌ରେ କିମ୍ବା ଆଚାର କରି କିମ୍ବା କଞ୍ଚା ରସୁଣ ମଧ୍ୟ ଖାଇପାରିବେ। ରସୁଣରେ ଆଣ୍ଟି କ୍ୟାନସର ଗୁଣ ମଧ୍ୟ ରହିଥାଏ।

**ବିଟ୍:** ବହୁତ ଲୋକମାନେ ସ୍ୱାଦ ପାଇଁ ବିଟ୍‌କୁ ନାପସନ୍ଦ କରନ୍ତି। କିନ୍ତୁ ଏହାର ଔଷଧୀୟ ଗୁଣ ଆଗରେ ସ୍ୱାଦକୁ ମଧ୍ୟ ବାଦ୍ ଦିଆଯାଇପାରେ। ଏହା ରକ୍ତ ଚାପ କମଇଥାଏ। ମସ୍ତିଷ୍କ ପାଇଁ ମଧ୍ୟ ଏହା ବହୁତ ଭଲ ହୋଇଥାଏ। ଏଥିରେ ଫୋଲେଟ୍, ଭିଟାମିନ୍-ସି, ମ୍ୟଗ୍ନେସିୟମ ଭଳି ମାଇକ୍ରୋ ନିଉଟ୍ରିଏଣ୍ଟସ୍ ଥାଏ।

# ବିପଦସଙ୍କୁଳ ହ୍ରଦ



ଦୁନିଆରେ ଏମିତି କିଛି ସ୍ଥାନ ଅଛି ଯାହା ଏବେ ମଧ୍ୟ ରହସ୍ୟ ଘେରରେ ରହିଅଛି । ଯାହାର ସତ୍ୟତା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ସକ୍ଷମ ହୋଇପାରି ନାହାନ୍ତି । ଆସନ୍ତୁ ଏଭଳି ଏକ ରହସ୍ୟମୟ ହ୍ରଦ ବିଷୟରେ ଅବଗତ ହେବା । ତାଞ୍ଜାନିଆରେ 'ଦ ଲେକ୍ ନାଟ୍ରୋନ୍' ଏକ ହ୍ରଦ ରହିଛି । ଏହି ହ୍ରଦର ରହସ୍ୟକୁ ଶୁଣିଲେ ଲୋମ ଟାଙ୍କୁରି ହୋଇ ଉଠିବ । ଏହି ହ୍ରଦରେ ଆପଣ ଜୀବନ୍ତ ପଶୁପକ୍ଷୀଙ୍କୁ ପଥର ପାଲଟି ଯାଇଥିବାର ଦେଖିବାକୁ ପାଇବେ । କୁହାଯାଏ, କିଛି ବର୍ଷ ପୂର୍ବରୁ ଏଠାରେ ପ୍ରବଳ ଥଣ୍ଡା ପଡ଼ିଥିଲା । ଥଣ୍ଡାର ପ୍ରକୋପ ସହି ନ ପାରି ଏଠାକୁ ଆସୁଥିବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇ ଯାଇଥିଲା । ହ୍ରଦ ପାଖରେ ଲାଭା ଉଦଗୀରଣ ଫଳରେ ସେଥିରୁ ବାହାରୁଥିବା ପାଉଁଶ ବାୟୁମଣ୍ଡଳରେ ବ୍ୟାପୀ ପଶୁପକ୍ଷୀଙ୍କ ମୃତ ଶରୀରକୁ ପଥରରେ ବଦଳାଇ ଥିଲା । ହ୍ରଦର ଏହିଭଳି ଭୟଙ୍କର ଅବସ୍ଥା ଦେଖି ସେଠାକୁ କେହି ଯିବାକୁ ପସନ୍ଦ କରୁନାହାନ୍ତି ।

# ମାଛର ସୌନ୍ଦର୍ଯ୍ୟ ପାଇଁ ପ୍ଲାଷ୍ଟିକ୍ ସର୍ଜରି !

ମାଛକୁ ନିଖୁଣ ରୂପ ଦେବା ପାଇଁ ପ୍ଲାସଷ୍ଟିକ୍ ସର୍ଜରି କରାଯାଉଛି । ଅବିଶ୍ୱସନୀୟ




ଲାଗୁଥିଲେ ହେଁ ଏହା ସତ୍ୟ । ସିଙ୍ଗାପୁରରେ ମାଛର ଆଖି, ପାଟି ଅଦିରେ ପ୍ଲାସଟିକ୍ ସର୍ଜରି ହେଉଛି । ମୁଖ୍ୟତଃ ଏରୋଓ୍ୱାନା ନାମକ ଆକ୍ୱାରିଅମ ମାଛର ପ୍ଲାସଟିକ୍ ସର୍ଜରି ସେଠାରେ ଲୋକପ୍ରିୟ । ଏହା ଲମ୍ବରେ ତିନି ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ; ଏବଂ ଦଶ ବର୍ଷରୁ ଅଧିକ କାଳ ବଞ୍ଚିପାରେ । ବିତ୍ତଶାଳୀ ଚାଇନିଜ୍ ବ୍ୟବସାୟୀମାନେ ଏହାକୁ ଅତି ଶୁଭଙ୍କର ମନେକରନ୍ତି । ବ୍ୟବସାୟ ସଂପର୍କିତ କୌଣସି ଭୁଲ ନିଷ୍ପତ୍ତି ନେବାକୁ ଯାଉଥିବା ବେଳେ ଏହି ମାଛ କୁଆଡ଼େ ଚେତାବନୀ ଦେବା ପାଇଁ ଆକ୍ୱାରିଅମ୍ ବାହାରକୁ ଲମ୍ଫ ପ୍ରଦାନ କରେ । ଏରୋଓ୍ୱାନା ଶାବକର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ସତୁରି ହଜାର ଟଙ୍କା । ତେବେ, ପ୍ରାପ୍ତ ବୟସ୍କ ଏରୋଓ୍ୱାନାର ମୂଲ୍ୟ ବହୁତ ଅଧିକ । କିଛି ବର୍ଷ ତଳେ ଏକ ପ୍ରାପ୍ତ ବୟସ୍କ ଏରୋଓ୍ୱାନା ୨.୧ କୋଟି ଟଙ୍କାରେ ବିକ୍ରି ହୋଇଥିଲା ।



# ସଡ଼କ ଦୁର୍ଘଟଣା ଏବଂ ନଗଦବିହୀନ ଚିକିତ୍ସା

ଭାରତବର୍ଷର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶ ଯାତ୍ରାରେ ସଡ଼କ ପରିବହନ ବ୍ୟବସ୍ଥା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, କିନ୍ତୁ ଏହାର ଏକ ଅନ୍ଧକାରମୟ ଏବଂ ଚିନ୍ତାଜନକ ଦିଗ ହେଉଛି କ୍ରମାଗତ ଭାବେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା। ପ୍ରତିବର୍ଷ ଆମ ଦେଶର ରାସ୍ତାଗୁଡ଼ିକରେ ଲକ୍ଷ ଲକ୍ଷ ଲୋକ ଅକାଳରେ ପ୍ରାଣ ହରାଉଛନ୍ତି, ଯାହା କେବଳ ଗୋଟିଏ ପରିବାର ପାଇଁ ନୁହେଁ, ବରଂ ସମଗ୍ର ରାଷ୍ଟ୍ର ପାଇଁ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରୁଛି। ବିଶ୍ୱ ବ୍ୟାଙ୍କ ଏବଂ ସଡ଼କ ପରିବହନ ମନ୍ତ୍ରଣାଳୟର ପରିସଂଖ୍ୟାନ ଅନୁଯାୟୀ, ଭାରତରେ ବିଶ୍ୱର ମାତ୍ର ୧ ପ୍ରତିଶତ ଯାନବାହାନ ଥିବା ସତ୍ତ୍ୱେ ବିଶ୍ୱର ମୋଟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁର ପ୍ରାୟ ୧୧ ପ୍ରତିଶତ ଏଠାରେ ଘଟିଥାଏ । ପ୍ରତି ଘଣ୍ଟାରେ ୫୩ ଟି ଦୁର୍ଘଟଣା ଏବଂ ୧୯ ଜଣଙ୍କର ମୃତ୍ୟୁ ହେଉଥିବା ତଥ୍ୟ ଯେକୌଣସି ସଚେତନ ନାଗରିକର ହୃଦୟକୁ ଦୋହଲାଇ ଦେବା ପାଇଁ ଯଥେଷ୍ଟ । ଏହି ଭୟାବହ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ବା 'କ୍ୟାସଲେସ୍ ଟ୍ରିଟମେଣ୍ଟ' ଯୋଜନା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ, ସମୟୋପଯୋଗୀ ଏବଂ ଯୁଗାନ୍ତକାରୀ ପଦକ୍ଷେପ ଅଟେ । ଏହି ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ବରଂ ଦେଶର ସ୍ୱାସ୍ଥ୍ୟ ସେବା ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ସଡ଼କ ଦୁର୍ଘଟଣା କ୍ଷେତ୍ରରେ 'ସୁବର୍ଣ୍ଣ ମୁହୂର୍ତ୍ତ' ବା 'ଗୋଲଡ୍ଡେନ୍ ଆୱାର'ର ଗୁରୁତ୍ୱ ଅତ୍ୟଧିକ ଅଟେ । ଚିକିତ୍ସା ବିଜ୍ଞାନ ଅନୁସାରେ, ଦୁର୍ଘଟଣା ଘଟିବାର ପ୍ରଥମ ଏକ ଘଣ୍ଟା ମଧ୍ୟରେ ଯଦି ଆହତ ବ୍ୟକ୍ତିଙ୍କୁ ଉପଯୁକ୍ତ ତଥା ତ୍ୱରିତ ଟ୍ରମା କେୟାର ବା ଆପାତକାଳୀନ ଚିକିତ୍ସା ମିଳିପାରେ, ତେବେ ତାଙ୍କ ଜୀବନ ବଞ୍ଚିବାର ସମ୍ଭାବନା ଅନେକ ଗୁଣ ବଢ଼ିଯାଇଥାଏ । କିନ୍ତୁ ଭାରତର ବାସ୍ତବ ଚିତ୍ର ଅତ୍ୟନ୍ତ ଦୁଃଖଦାୟକ ଓ ବିଡମ୍ବନାପୂର୍ଣ୍ଣ । ଅନେକ ସମୟରେ ଦେଖାଯାଏ ଯେ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଅର୍ଥାଭାବ କିମ୍ବା ପରିବାର ଲୋକଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ଆରମ୍ଭ କରିବାରେ ଅଯଥା ବିଳମ୍ବ ଘଟିଥାଏ । ବିଶେଷକରି ଘରୋଇ ଡାକ୍ତରଖାନାଗୁଡ଼ିକ ପ୍ରାଥମିକ ଚିକିତ୍ସା ପାଇଁ ଅଗ୍ରୀମ ଟଙ୍କା ଜମା କରିବାକୁ ବାଧ୍ୟ କରିଥାନ୍ତି, ଯାହା ଫଳରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଅନେକ କ୍ଷେତ୍ରରେ କେବଳ ଟଙ୍କା ଅଭାବରୁ ହିଁ ରାସ୍ତା କଡ଼ରେ କିମ୍ବା ଡାକ୍ତରଖାନା ବାରଣ୍ଡାରେ ଜୀବନ ଦୀପ ଲିଭିଯାଏ । ସରକାରଙ୍କ ଏହି ନୂତନ ପଦକ୍ଷେପ ଏହି ବାଧାକୁ ଦୂର କରିବାରେ ଏକ ପ୍ରମୁଖ ଅସ୍ତ୍ର ସାଜିବ ବୋଲି ଆଶା କରାଯାଏ । ଏହି ଯୋଜନା ଅନୁଯାୟୀ, ଦୁର୍ଘଟଣାର ଶିକାର ହୋଇଥିବା ଯେକୌଣସି ବ୍ୟକ୍ତି ଦେଶର ଯେକୌଣସି ସ୍ଥାନରେ, ତାହା ଜାତୀୟ ରାଜପଥ ହେଉ କିମ୍ବା ଗ୍ରାମ୍ୟ ରାସ୍ତା, ତୁରନ୍ତ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇପାରିବେ । ଏଥିପାଇଁ 'ମୋଟର ଯାନ ଦୁର୍ଘଟଣା ପାଣ୍ଠି'ର ବ୍ୟବସ୍ଥା କରାଯାଇଛି, ଯାହା ଏହି ଖର୍ଚ୍ଚ ବହନ କରିବ ।

ଏହି ଯୋଜନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ସମୟସୀମା ଏବଂ ବ୍ୟାପକ ପରିସର । ଏହି ସୁବିଧା ଦୁର୍ଘଟଣାର ପ୍ରଥମ ୭ ଦିନ ପାଇଁ ଉପଲବ୍ଧ ହେବ, ଯାହା ରୋଗୀର ଜୀବନ ରକ୍ଷା ତଥା ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ସ୍ଥିରାବସ୍ଥାକୁ ଆଣିବା ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ ସମୟ ଅଟେ । ୭ ଦିନର ଏହି ଅବଧି ମଧ୍ୟରେ ରୋଗୀଙ୍କୁ ଆଇସିୟୁ ସୁବିଧା, ଅସ୍ତ୍ରୋପଚାର ଏବଂ ଅନ୍ୟାନ୍ୟ ଜରୁରୀ ଚିକିତ୍ସା ଯୋଗାଇ ଦିଆଯିବ, ଯାହା ଦ୍ୱାରା କେବଳ ମୃତ୍ୟୁହାର କମିବ ନାହିଁ, ବରଂ ଦୁର୍ଘଟଣାଜନିତ ସ୍ଥାୟୀ ବିକଳାଙ୍ଗତା ମଧ୍ୟ ହ୍ରାସ ପାଇବ । ଚଣ୍ଡିଗଡ଼ରେ ଏକ ପାଇଲଟ୍ ପ୍ରକଳ୍ପ ମାଧ୍ୟମରେ ଏହାର ସଫଳ ପରୀକ୍ଷଣ କରାଯାଇସାରିଛି ଏବଂ ସେଠାରୁ ମିଳିଥିବା ଅନୁଭୂତି ଓ ତଥ୍ୟ ଏବେ ସମଗ୍ର ଦେଶରେ ଏହାକୁ ଲାଗୁ କରିବାରେ ସହାୟକ ହେବ । ଏହି ଯୋଜନାକୁ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ସହିତ ଯୋଡ଼ାଯାଇଛି, ଯାହା ଫଳରେ ପରିଚୟ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର କାର୍ଯ୍ୟ ଡିଜିଟାଲ ମାଧ୍ୟମରେ ତ୍ୱରାନ୍ୱିତ ହୋଇପାରିବ । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (NHA) ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ, ଯାହା ଏକ ସୁସଂଗଠିତ ବ୍ୟବସ୍ଥାର ସୂଚନା ଦେଉଛି । ଏହି ବ୍ୟବସ୍ଥା ଦ୍ୱାରା ରୋଗୀଙ୍କ ପରିବାର ଉପରୁ ତୁରନ୍ତ ଟଙ୍କା ଯୋଗାଡ଼ କରିବାର ମାନସିକ ଚାପ ହ୍ରାସ ପାଇବ, ଯାହା ସେମାନଙ୍କୁ ରୋଗୀର ସେବାରେ ଅଧିକ ଧ୍ୟାନ ଦେବାକୁ ସୁଯୋଗ ଦେବ । ତେବେ, ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ବାସ୍ତବ କାର୍ଯ୍ୟକାରିତା କ୍ଷେତ୍ରରେ କିଛି ଆହ୍ୱାନ ମଧ୍ୟ ରହିଛି ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ପୂର୍ବ ଅନୁଭୂତିରୁ ଦେଖାଯାଇଛି ଯେ, ଅନେକ ସରକାରୀ ଯୋଜନା ଘୋଷଣା ସ୍ତରରେ ଖୁବ୍ ଆକର୍ଷଣୀୟ ଲାଗୁଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହାର ରୂପାୟନ ବାଧାପ୍ରାପ୍ତ ହୁଏ। ବିଶେଷକରି ପୋଲିସ୍ ରିପୋର୍ଟ କିମ୍ବା ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ କିଛି କ୍ଷେତ୍ରରେ ଚିକିତ୍ସା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଥାଏ। ତେଣୁ, ସରକାରଙ୍କୁ ନିଶ୍ଚିତ କରିବାକୁ ହେବ ଯେ ଡାକ୍ତରଖାନାରେ ଭର୍ତ୍ତି ହେବା ମାତ୍ରେ ଯେପରି ଚିକିତ୍ସା ଆରମ୍ଭ ହୁଏ ଏବଂ କାଗଜପତ୍ର କାମ ପାଇଁ ଯେପରି ମୂଲ୍ୟବାନ ସମୟ ନଷ୍ଟ ନ ହୁଏ । ଏଥିପାଇଁ ପୋଲିସ୍, ସ୍ୱାସ୍ଥ୍ୟ ବିଭାଗ, ଜେନେରାଲ ଇନସ୍ୟୁରାନ୍ସ କାଉନ୍ସିଲ ଏବଂ ଡାକ୍ତରଖାନାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ। ଏହା ବ୍ୟତୀତ, ଘରୋଇ ଡାକ୍ତରଖାନାଗୁଡ଼ିକ ଯେପରି ଏହି ଯୋଜନା ଅଧୀନରେ ରୋଗୀଙ୍କୁ ଗ୍ରହଣ କରିବାକୁ କୁଣ୍ଠାବୋଧ ନ କରନ୍ତି କିମ୍ବା କୌଣସି ବାହାନା ଦେଖାଇ ଫେରାଇ ନ ଦିଅନ୍ତି, ସେଥିପାଇଁ କଡ଼ା ନିୟମ ଓ ନିୟମିତ ତଦାରଖର ଆବଶ୍ୟକତା ରହିଛି । ଗ୍ରାମାଞ୍ଚଳରେ ଥିବା ଡାକ୍ତରଖାନାଗୁଡ଼ିକରେ ଭିତ୍ତିଭୂମିର ଅଭାବ ମଧ୍ୟ ଏକ ବଡ଼ ସମସ୍ୟା ହୋଇପାରେ, ଯାହାର ସମାଧାନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ।

ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ, ସଡ଼କ ଦୁର୍ଘଟଣା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଝଟକା । ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ସଡ଼କ ଦୁର୍ଘଟଣା ଯୋଗୁଁ ଭାରତର ଜିଡିପିର ପ୍ରାୟ ୩ ରୁ ୫ ପ୍ରତିଶତ ପର୍ଯ୍ୟନ୍ତ କ୍ଷତି ହୋଇଥାଏ । ଏହା ଅନେକ ପରିବାରକୁ ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ଦିଏ। ସଡ଼କ ଦୁର୍ଘଟଣାରେ ମୃତାହତ ହେଉଥିବା ଅଧିକାଂଶ ବ୍ୟକ୍ତି ଯୁବବର୍ଗର (୧୮-୪୫ ବର୍ଷ) ହୋଇଥିବାରୁ ଏହା ଦେଶର ମାନବ ସମ୍ବଳ ଓ ଉତ୍ପାଦନ କ୍ଷମତା ଉପରେ ଗଭୀର ଆଘାତ ଦେଇଥାଏ । ଚିକିତ୍ସା ଖର୍ଚ୍ଚ ତୁଲାଇବା ପାଇଁ ପରିବାରକୁ ଜମିବାଡ଼ି ବିକ୍ରି କରିବାକୁ କିମ୍ବା ଋଣଯନ୍ତାରେ ପଡ଼ିବାକୁ ହୁଏ, ଯାହା ସେମାନଙ୍କୁ ବର୍ଷ ବର୍ଷ ଧରି ଆର୍ଥିକ ଅନଟନ ମଧ୍ୟରେ ରଖେ । ତେଣୁ ଏହି ନଗଦବିହୀନ ଚିକିତ୍ସା ଯୋଜନା କେବଳ ସ୍ୱାସ୍ଥ୍ୟ ସେବା ନୁହେଁ, ବରଂ ଏକ ସାମାଜିକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରିବ । ଏହା ମଧ୍ୟବିତ୍ତ ଓ ନିମ୍ନ ଆୟ ବର୍ଗର ଲୋକଙ୍କୁ ଏକ ବଡ଼ ଆର୍ଥିକ ବିପର୍ଯ୍ୟୟରୁ ରକ୍ଷା କରିବାରେ ସାହାଯ୍ୟ କରିବ ।

ଏହି ଯୋଜନାର ସଫଳତା ପାଇଁ ଜନସଚେତନତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଅନେକ ସମୟରେ ଲୋକମାନେ ସରକାରୀ ଯୋଜନା ବିଷୟରେ ଅବଗତ ନଥାନ୍ତି, ଫଳରେ ସେମାନେ ଏହାର ସୁଫଳ ପାଇପାରନ୍ତି ନାହିଁ । ତେଣୁ ସରକାରଙ୍କୁ ବିଭିନ୍ନ ଗଣମାଧ୍ୟମ, ସୋସିଆଲ ମିଡିଆ ଓ ପ୍ରଚାର ମାଧ୍ୟମରେ ଏହି ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ପଡ଼ିବ । ଲୋକମାନେ ଜାଣିବା ଆବଶ୍ୟକ ଯେ ଦୁର୍ଘଟଣା ଘଟିଲେ କେଉଁ ନମ୍ବରରେ ଯୋଗାଯୋଗ କରିବାକୁ ହେବ ଏବଂ କିପରି ଏହି ସୁବିଧା ପାଇହେବ । ଏଥିସହ, 'ଗୁଡ୍ ସମାରିଟାନ୍' ବା ବିପଦ ସମୟରେ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ମଧ୍ୟ ଜରୁରୀ । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପହଞ୍ଚାଉଥିବା ବ୍ୟକ୍ତିଙ୍କୁ ଆଇନଗତ ଝାମେଲାରୁ ମୁକ୍ତ ରଖିବା ସହ ସେମାନଙ୍କୁ ସମ୍ମାନିତ କରିବାର ବ୍ୟବସ୍ଥା ସାଧାରଣ ଲୋକଙ୍କ ମଧ୍ୟରେ ସାହାଯ୍ୟ କରିବାର ମନୋଭାବ ସୃଷ୍ଟି କରିବ । ପୂର୍ବରୁ ଲୋକମାନେ ପୋଲିସ୍ କେସ୍ ଓ କୋର୍ଟ କଚେରୀ ଭୟରେ ସାହାଯ୍ୟ କରିବାକୁ ପଛଘୁଞ୍ଚା ଦେଉଥିଲେ, କିନ୍ତୁ ନୂତନ ମୋଟର ଯାନ ଆଇନ ଏବଂ ଏହି ଯୋଜନା ସେହି ଭୟକୁ ଦୂର କରିବାରେ ସହାୟକ ହେବ।

ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ୧.୫ ଲକ୍ଷ ଟଙ୍କାର ନଗଦବିହୀନ ଚିକିତ୍ସା ଯୋଜନା ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି । କିନ୍ତୁ କୌଣସି ଯୋଜନାର ସଫଳତା ଏହାର ଘୋଷଣାରେ ନୁହେଁ, ବରଂ ଏହାର ସଠିକ୍ କାର୍ଯ୍ୟକାରିତାରେ ନିହିତ ଥାଏ । ଯଦି ପ୍ରଶାସନିକ କଳ, ସ୍ୱାସ୍ଥ୍ୟସେବା କ୍ଷେତ୍ର, ବୀମା କମ୍ପାନୀ ଏବଂ ସାଧାରଣ ଜନତା ମିଳିତ ଭାବେ ଏହି ଯୋଜନାକୁ ସଫଳ କରିବାକୁ ଆଗେଇ ଆସନ୍ତି, ତେବେ ହଜାର ହଜାର ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ

# ଯେସ୍‌ରୁ ଶେଷ୍ ! !



ଡ.ତପନ କୁମାର ପାଳ

ଆପଣଙ୍କୁ ଶୀର୍ଷକଟି ଆଶ୍ଚର୍ଯ୍ୟଜନକ ଲାଗିପାରେ। ଆମ ଭାରତୀୟ କଥିତ ଭାଷାରେ ଯେସ୍ ଅର୍ଥ ଗ୍ରହଣୀୟତା। ଏହା ଏକ ପ୍ରତିକାତ୍ମକ ଭଲ ପାଇବାର ଭାବନାକୁ ଚିତ୍ରିତ କରିଥାଏ। ଆମ୍ଭେମାନେ ଅନେକ କ୍ଷେତ୍ରରେ ଯେସ୍ ଶବ୍ଦଟି ବ୍ୟବହାର କରିଥାଉ। ତେବେ ଆମେ ଯେଉଁ ଯେସ୍‌ର ଆଲୋଚନା କରୁଛୁ ତାହା ନିଶ୍ଚିନ୍ତ ଭାବେ ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟକର ମଧ୍ୟ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟପରି ଏହି ଭୟାନକ ଅଦୃଶ୍ୟ 'ଯେସ୍ ସ୍କାମ' ଲୋକମାନଙ୍କୁ କାଙ୍ଗାଳ କରିଦେଉଛି। ଆଖି ପିଛୁଳାକେ ଅନେକଙ୍କ ବ୍ୟାଙ୍କ ଆକାଣ୍ଟରୁ ବର୍ଷ ବର୍ଷର କଠୋର ପରିଶ୍ରମ ଉପାର୍ଜିତ ଅର୍ଥରାଶି ଉଭାନ ହୋଇଯାଉଛି। ବର୍ତ୍ତମାନ ସମୟରେ ମୋବାଇଲରେ ବିଶେଷକରି ମେସେଜ ବ୍ୟବସ୍ଥାରେ ଏପରି ସ୍କାମର ମାନଙ୍କ ଅଦୃଶ୍ୟ ଭୟାନକ ଚେହେରାକୁ କେହି ଦେଖି ପାରୁନାହାଁନ୍ତି ଆଉ ପୋଲିସର ସାଇବର ବିଭାଗ ଏହାକୁ ଠାବ କରିବା ମଧ୍ୟ ମୁସ୍କିଲ ହୋଇପଡୁଛି।

ଆପଣ ମୋବାଇଲରେ ପ୍ରାୟତଃ ଆର୍ଥିକ କାରବାର କରୁଥିବେ। ଭାରତରେ ଡିଜିଟାଲ ବ୍ୟବସ୍ଥା ଲୋକମାନଙ୍କୁ ସୁଲଭ, ହାତପାହାନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମର ଆଜିର ଆଲୋଚନାଟି ରଖୁଛୁ। ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ପ୍ରଥମେ ଆପଣଙ୍କୁ କଲ କରି ଆପଣଙ୍କ ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ବିନା ଦ୍ୱିଧାରେ 'ଯେସ୍ ନିଶ୍ଚିନ୍ତ ଭାବେ କହିବେ କାରଣ ଏହା ଏକ କଥୋପଥନର ସର୍ବନିମ୍ନ ଶାଳୀନତା। ତେବେ ଆପଣଙ୍କର ଏହି ଗୋଟିଏ ଯେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳର ଶେଷ ପର୍ଯ୍ୟାୟରେ ପହଞ୍ଚାଇ ଦେବ। ସେହି ଯେସ୍ କହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରେ ଥିବା ତମାମ ଅର୍ଥରାଶିକୁ ଅଦୃଶ୍ୟ ଅନଲାଇନର ସାଇବର ଠକ ପୁରାପୁରି ପୋଛି ଦେଇଥିବେ। ହଁ, କେହି କେହି ଓଟିପି ସମ୍ପର୍କରେ ପ୍ରଶ୍ନ ପଚାରି ପାରନ୍ତି ତେବେ ଏହି ନୂଆ ଯେସ୍ ମାୟାଜାଲରେ ଆପଣଙ୍କୁ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ସାଇବର କ୍ଷେତ୍ରରେ ଏପରି ଭୟାନକ ଠକଙ୍କ କଳାକୌଶଳ ଏପରି ଯେ ସେମାନେ ଏପରି ଅନେକ ପ୍ରଶ୍ନ ପଚାରି ପାରନ୍ତି ଯାହାର ଉତ୍ତର କେବଳ 'ଯେସ୍' ଯାହାକୁ ଓଡ଼ିଆରେ ହଁ କୁହାଯାଏ। ସେମାନଙ୍କର ବ୍ୟବସ୍ଥା ହେଉଛି ଆପଣଙ୍କ ଠାରୁ କେବଳ ଯେସ୍ ଶବ୍ଦଟି ଗ୍ରହଣ କରିବା। ଏହାପଛର ଯେଉଁ ଭୟାନକ ଅଦୃଶ୍ୟ ଠକାମିର କାରନାମା ରହିଛି ତାହା ଆପଣ ଜାଣିଲେ ଆପଣଙ୍କ ଦେହ ଶୀତେଇ ଉଠିବ। କାରଣ ଆପଣଙ୍କ ଯେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ କଣ୍ଠସ୍ୱରରେ ଥିବା ଯେସ୍ ଶବ୍ଦକୁ ନେଇ ଏହି ସାଇବର ଅପରାଧୀମାନେ ନୂଆ ଆକାଉଣ୍ଟ ଖୋଲି ଥାନ୍ତି ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ଯେସ୍ କଣ୍ଠସ୍ୱରକୁ ଭଏସ ବାୟୋମେଟ୍ରିକ ସିଷ୍ଟମ ବ୍ୟବସ୍ଥାରେ ଗ୍ରହଣ କରି ଭଏସ କଲ ଜରିଆରେ ଋଣ ମଞ୍ଜୁର କରିଥାନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସୱାର୍ଡ଼ ବି ହୋଇପାରେ।

ଯେସ୍ ଅଦୃଶ୍ୟ, ଭୟାନକ ଠକ ମାନଙ୍କଠାରୁ ରକ୍ଷା ପାଇବା ପାଇଁ ସର୍ବପ୍ରଥମେ ଗୋଟିଏ କଥାକୁ ଭଲ ଭାବେ ମନେରଖନ୍ତୁ ଯେ ଆପଣ କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଙ୍କଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ କଲ ପାଉଥିଲେ ସର୍ବନିମ୍ନ ଭାବେ ଯେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେସନ୍ ସିଷ୍ଟମ ରଖିଥାନ୍ତି ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ତୁରନ୍ତ ଡିଜାବଲ୍ କରନ୍ତୁ ଯାହାଦ୍ୱାରା ଆପଣ ଏହି ଯେସ୍ ସ୍କାମର ଭୟାନକ ଠକାମୀରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅଦୃଶ୍ୟ ଅନଲାଇନ ଠକଙ୍କ କାରନାମା ହେଉଛି 'ଜାମ୍ ଡିପୋଜିଟ ସ୍କାମ'। ଉଦାହରଣବଶତଃ ବ୍ୟାଙ୍କ ସହିତ ଜଡ଼ିତ ହୋଇଥିବା ଆପଣଙ୍କ ଫୋନକୁ ଧରାଯାଉ ଏକ ସୂଚନା ଆସିବ ଯେ ଆପଣଙ୍କ ପାସବୁକରେ କିଛି ଟଙ୍କା କ୍ରେଡ଼ିଟ ବା ଜମା ହୋଇଛି। ତେଣୁ ଆପଣ ନିଶ୍ଚିନ୍ତ ନିଜର ୟୁପିଆଇ ଆକାଉଣ୍ଟ ଖୋଲି ସର୍ବପ୍ରଥମେ ଏହି ବିଷୟରେ ଜାଣିବା ପାଇଁ ଆଗ୍ରହ ରଖିବେ। ତେବେ ଏଇଠି ଆପଣ ପୁରାପୁରି ଫଶି ଯିବା ଥୟ। କାରଣ ଅଦୃଶ୍ୟ ଅନଲାଇନ ଠକମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ ଏକ ବଡ଼ଧରଣର କ୍ୟାସ ୱିଥଡ୍ରୟାଲ ରିକ୍ୱେଷ୍ଟ ପଠାଇ ନିଜର ଯୋଜନା ପ୍ରସ୍ତୁତ କରିସାରିଥିବେ। ଆପଣ ନିଜର ଆକାଉଣ୍ଟ ଜାଣିବା ପାଇଁ ୟୁପିଆଇ ଖୋଲିଲା ବେଳକୁ ଯେତେବେଳେ ନିଜେ ପିନ ନମ୍ବରଟି ପ୍ରଦାନ କରିବେ ଏହା ସ୍ୱୟଂକ୍ରିୟ ଭାବେ ଆକସେସ୍ ହୋଇଯିବ ଯାହାର ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ।

ଆମ୍ଭମାନଙ୍କ ଭିତରେ ୟୁପିଆଇ ବହୁଳ ବ୍ୟବହାର ହେଉଛି ତେବେ ଏଯାବତ୍ ଅନେକ ପେମେଣ୍ଟ ରିକ୍ୱେଷ୍ଟ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ତୁରନ୍ତ ମନଇଚ୍ଛା ସେମାନଙ୍କ କଥା ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପଛରେ ଏପରି କିଛି ଠକାମୀର ଲିଙ୍କ ରହିଥାଏ ଯାହାକୁ ଆପଣ ଟଚ କରିବାମାତ୍ରେ ସ୍କାମରମାନେ ଜାଲ ଏସଏମଏସ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଏକ ଧାରଣା ତିଆରି କରନ୍ତି। ସେହି ଏସଏମଏସରେ ୟୁପିଆଇ ଆକାଉଣ୍ଟ ଖୋଲିବାର ବିକଳ୍ପ ବି ରହିଥାଏ ତେଣୁ ଏହି କ୍ଷେତ୍ରରେ ଆଦୌ ନିଜର ୟୁପିଆଇ ଆକାଉଣ୍ଟ ଖୋଲନ୍ତୁ ନାହିଁ। ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେସେଜ ଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଭଲ ଭାବେ ଯାଞ୍ଚ କରନ୍ତୁ। ବର୍ତ୍ତମାନ ସମୟରେ ଲୋକମାନଙ୍କ ଭିତରେ ସଚେତନତା ବଢୁଥିବାରୁ ହ୍ୟାକରମାନେ ମଧ୍ୟ ସେହିପରି ଠକାମୀର ନୂଆ ନୂଆ ତରିକା ସବୁ ଆପଣେଇଲେଣି। ତେଣୁ ବର୍ତ୍ତମାନ ଆଇଭିଆର କଲ ଦ୍ୱାରା ଠକିବାର ଏକ ନୂଆ ଫନ୍ଦି ସାଇବର ଠକମାନେ ଆପଣାଉଛନ୍ତି। ଆଇଭିଆର କଲ ଗୁଡ଼ିକ ଟ୍ରାଇ ଦ୍ୱାରା ନିୟନ୍ତ୍ରିତ ହେବା ସତ୍ତ୍ୱେ ଠକମାନଙ୍କ ରାଜୁତି କିନ୍ତୁ କମୁନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀକାଳୀନ ଭୂମିକା ରହିଛି। ସେହିପରି ବିଭିନ୍ନ ପ୍ରକାର ଥାର୍ଡ଼ ପାର୍ଟି ଦ୍ୱାରା ଆପ୍ ବ୍ୟବସ୍ଥାକୁ ଗ୍ରହଣ କରି ଠକମାନେ ଟଙ୍କା ଗାଏବ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସତର୍କତା କୁହାଯିବ ଆପଣ ଆପ ଷ୍ଟୋରରୁ ଆପ ଇନଷ୍ଟଲ କରିବା ପୂର୍ବରୁ ସେ ଆପର ଡେସ୍କ୍ରିପସନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ବି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କହିବେ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ହୋଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର କୌଣସି ଉପାୟ ପୃଥିବୀରେ ନାହିଁ। ଏଇ କଥା ଥରେ ବୁଝିଗଲେ ଆଉ କେହି ଆପଣଙ୍କୁ ଠକିପାରିବେ ନାହିଁ।

ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ 'ରାତାରାତି ବଡ଼ଲୋକ ହୋଇଗଲେ ବୋଲି' ଏହି ବିଚାର ଆଦୌ କରନ୍ତୁ ନାହିଁ। କାରଣ କ୍ରେଡ଼ିଟ ସମ୍ବନ୍ଧରେ ସୂଚନାକୁ ଆପଣ ତତ୍କ୍ଷଣାତ ନଦେଖି ବରଂ କିଛି ସମୟ ପରେ ଏହାକୁ ଦେଖନ୍ତୁ। କାରଣ କିଛି ସମୟ ଅତିକ୍ରମ କରିଗଲେ ହ୍ୟାକରମାନଙ୍କ ଆପଣଙ୍କୁ ଲୁଟିବା ପାଇଁ ଯେଉଁ କ୍ୟାସ ୱିଥଡ୍ରୟାଲ ରିକ୍ୱେଷ୍ଟ ଯୋଜନାବଦ୍ଧ ଭାବେ କରିସାରିଥିବେ ତାହା ଇତିମଧ୍ୟରେ ଇନଭାଲିଡ ହୋଇ ସାରିଥିବ। ସେହିପରି କୌଣସି ପରିସ୍ଥିତିରେ ଆଦୌ ଭୁଲ ପିନ୍ ମାରନ୍ତୁ ନାହିଁ। କାରଣ ପ୍ରଥମ ପିନରେ ହିଁ ହ୍ୟାକରମାନେ ରିକ୍ୱେଷ୍ଟ ଆକସେସ୍ କରିବା ପାଇଁ ସେମାନଙ୍କର ଠକାମିର ଜାଲ ବିଛେଇ ଥାଆନ୍ତି। ଆପଣ ଭୁଲ ପିନ ମାରିବା ଦ୍ୱାରା ସେ ରିକ୍ୱେଷ୍ଟ କ୍ୟାନସେଲ ହୋଇଯାଏ। ଆପଣ ମାନଙ୍କର ସତର୍କତା କେବଳ ଆପଣମାନଙ୍କୁ ନିଜର ଠକାମୀରୁ ବଞ୍ଚାଇବ ନାହିଁ ବରଂ ବ୍ୟାଙ୍କ ପାଇଁ ଏକ ଅଯଥା ଆର୍ଥିକ ଝାମେଲାରୁ ବଞ୍ଚାଇ ପାରିବ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରା କୋଡ଼େ ଯେତେ ମାଡେ ସେତେ ପରି ଚାଲିଛି। ତେଣୁ ଆପଣ ଉପରୋକ୍ତ ସତର୍କତା ଗୁଡ଼ିକ ଗ୍ରହଣ କରି ବ୍ୟାଙ୍କିଙ୍ଗ କାରବାର କରି ନିଜର ଅର୍ଥକୁ ସୁରକ୍ଷିତ ରଖନ୍ତୁ ଏବଂ ଆପଣଙ୍କ ଆକାଉଣ୍ଟ ଖୋଲିଥିବା ବ୍ୟାଙ୍କୁ ଅଯଥା ଝାମେଲାରୁ ବଞ୍ଚାଇବାରେ ସକ୍ଷମ ହୁଅନ୍ତୁ।


ଏସବିଆଇ, ଷ୍ଟାଫ କଲୋନୀ,
ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨


# ନବଜାତ ଶିଶୁଙ୍କ ପାଇଁ ବିପଦ ହାଇପୋଥର୍ମିଆ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏବେ ଶୀତ ଓ କୁହୁଡ଼ି ଅଚାନକ ଭାବେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ନବଜାତ ଶିଶୁଙ୍କ ପାଇଁ ବିପଜ୍ଜନକ ହେଉଛି ହାଇପୋଥର୍ମିଆ। ଯେତେବେଳେ ଆମପରି ବୟସ୍କ ଲୋକମାନେ ହାଡ଼ଭଙ୍ଗା ଶୀତରେ ଜଡ଼ଶଡ଼ ହୋଇଯାଉଛେ ସେତେବେଳେ ଭାବନ୍ତୁ ନବଜାତକଙ୍କ ପାଇଁ ଏହା କେତେ ଘାତକ ସାବ୍ୟସ୍ତ ହୋଇପାରେ। ସହଯେ ବିଷାକ୍ତ ବାୟୁ ପ୍ରଦୂଷଣ ସମଗ୍ର ବାୟୁମଣ୍ଡଳକୁ ବିପଜ୍ଜନକ ସାବ୍ୟସ୍ତ କରିଥିବା ସମୟରେ ଆସନ୍ତୁ ନବଜାତକ ଶିଶୁଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଥିବା ହାଇପୋଥର୍ମିଆ ସମ୍ପର୍କରେ ଆଲୋଚନାଟି ରଖିବା।

ହାଇପୋଥର୍ମିଆ ଦୁଇ ପ୍ରକାର ବୟସସୀମା ଭିତରେ ଦେଖାଯାଏ। ମାସକର ଶିଶୁ ଓ ଦୁଇ ମାସରୁ ୧ ବର୍ଷ ବୟସର ପିଲାଙ୍କ ଶରୀରରେ ଏହା ଅଧିକ ଦେଖାଯାଏ। ମାସକରୁ କମ ବୟସର ଶିଶୁଙ୍କ ଶରୀର ଜଲଦି ଥଣ୍ଡା ପଡ଼ିଯାଏ, ଅତ୍ୟାବଶ୍ୟକ ଗରମ ପୋଷାକ ପିନ୍ଧା ନଗଲେ, ମା' ପେଟର ତାପମାତ୍ରା ଠାରୁ ବାହାର ତାପମାତ୍ରା କମ ହୋଇଗଲେ ଶିଶୁଙ୍କ ଠାରେ ଏହି ରୋଗ ଦେଖାଯାଏ। ବର୍ଷକରୁ କମ ବୟସର ପିଲାମାନଙ୍କର ଶରୀରରେ ହାଇପୋଥର୍ମିଆ ଦେଖାଯିବାର କାରଣ ହେଲା ପରିବେଶ।

ଯେତେବେଳେ ପିଲା ଖାଇବେ ନାହିଁ, ସେମାନଙ୍କ ଠାରେ ବିଭିନ୍ନ ସଂକ୍ରମଣ ଦେଖାଯିବ, ହାର୍ଟରେଟ କମିଯିବ ଏବଂ ଥଣ୍ଡା ଧରିବ, ସେତେବେଳେ ଜାଣିବେ ସେ ବୋଧେ ହାଇପୋଥର୍ମିଆରେ ଆକ୍ରାନ୍ତ ହୋଇଛି।

ନବଜାତ ପିଲାଙ୍କ ହାତ ଓ ପାଦକୁ ବାରମ୍ବାର ଧ୍ୟାନ ଦେବା ଉଚିତ, କାରଣ ଏହି ରୋଗରେ ସେମାନଙ୍କ ହାତ ଓ ପାଦ ନଳୀ ପଡ଼ିଯାଏ। ପିଲାମାନେ ଖାଇବା ଗ୍ରହଣ କରିବେ ନାହିଁ, ଅଧିକ ସମୟ ଶୋଇବେ। ତାଙ୍କଠାରୁ ବଡ଼ ପିଲାଙ୍କ ଶରୀରରେ ବାରମ୍ବାର ସର୍ଦ୍ଦି ଧରିବ, ଖେଳାଖେଳି କରିବେ ନାହିଁ। ବ୍ୟବହାରରେ ଏପରି କିଛି ପରିବର୍ତ୍ତନ ଆସିଲେ ସଙ୍ଗେ ସଙ୍ଗେ ପାଖ ଡାକ୍ତରଖାନାକୁ ନେଇଯିବା ଉଚିତ।

ଶରୀରର ଉପଯୁକ୍ତ ତାପମାତ୍ରା ପାଇଁ ବିଭିନ୍ନ ପ୍ରକାର ଗ୍ରେଡ଼ିଂ ରହିଛି। ମାଇଲଡ ହାଇପୋଥର୍ମିଆରେ ଶରୀର ତାପମାତ୍ରା ୩୬ ଡିଗ୍ରୀରୁ ୩୬.୫ ଡିଗ୍ରୀ ସେଲସିୟସ ରହିବା ଉଚିତ। ସେହିପରି ମଡରେଟରେ ତାପମାତ୍ରା ୩୨-୩୬ ଡିଗ୍ରୀ ମଧ୍ୟରେ ଏବଂ ସିଭିଅର ହାଇପୋଥର୍ମିଆରେ ୩୬ ଡିଗ୍ରୀରୁ କମ ତାପମାତ୍ରା ରହିବ। ସେଥିପାଇଁ ମଡରେଟ ଓ ସିଭିଅର ହାଇପୋଥର୍ମିଆ ଅଧିକ ବିପଦପୂର୍ଣ୍ଣ। ଏହି ସମୟରେ ଡାକ୍ତରଖାନାରେ ଶିଶୁଙ୍କ ରେଡିଆଣ୍ଟ ୱାର୍ମର ତଳେ ରଖାଯାଉ। ୩୪ ଡିଗ୍ରୀ ତାପମାତ୍ରା ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ଜୋର ଜୋର ଘଷାଯାଏ। ଏହାପରେ ୩୬ ଡିଗ୍ରୀ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରାଯାଏ।

ନବଜାତ ଶିଶୁଙ୍କୁ ମାସକ ଭିତରେ ଗାଧେଇବେ ନାହିଁ। ମୋଟା ପୋଷାକ ପିନ୍ଧାଇବେ ଏବଂ ବଡ଼ ପିଲା ଘରେ ଥିଲେ ବି ଗରମ ପୋଷାକ ପିନ୍ଧାଇବେ। ଘରର ଉଷ୍ମତା ବଜାୟ ରଖିବା ଦରକାର। ନାଜାଲ ଡ୍ରପ ନାକରେ ପକାଇବା ଉଚିତ, କାରଣ ଏହା ନାକକୁ ଆର୍ଦ୍ର ରଖିଥାଏ। କୁହୁଡ଼ି ଓ ବିଷାକ୍ତ ବାୟୁମଣ୍ଡଳ ଆପଣଙ୍କ ଆଖପାଖ ପରିବେଶରେ ରହୁଥିଲେ କୌଣସି ପରିସ୍ଥିତିରେ ନବଜାତ ଶିଶୁ ଯେପରି ଏହାର ସଂସ୍ପର୍ଶରେ ନ ଆସିବେ ସେ ଦିଗ ପାଇଁ ଯତ୍ନବାନ ହୁଅନ୍ତୁ। ନବଜାତ ମାନଙ୍କୁ ସାମାନ୍ୟ ଥଣ୍ଡଜ୍ୱର, ଛିଙ୍କ ବା କୌଣସି ଶାରୀରିକ ଅସ୍ୱସ୍ତିକର ଅବସ୍ଥା ଦେଖିବାମାତ୍ରେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନା, ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାଟି ଯେପରି ଉଷ୍ମମ ପରିବେଶ ପାଇବ ଓ ପର୍ଯ୍ୟାପ୍ତ ପରିମାଣର ମା'କ୍ଷୀର ଖାଇବ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ।



କେହି କେହି ଶୀତ ଦିନ ସୂର୍ଯ୍ୟକିରଣ ନବଜାତକଙ୍କ ପାଇଁ ଭଲ ବୋଲି ବିଚାର କରିଥାନ୍ତି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟକିରଣ ପିଲାଟି ପାଉ କିନ୍ତୁ ବାୟୁମଣ୍ଡଳର ଜଳୀୟ କଣା ଏବଂ ବିଷାକ୍ତ ପରିବେଶ ଯେପରି ତାହା ସ୍ୱାସ୍ଥ୍ୟ ଅବସ୍ଥାକୁ ନ ବିଗାଡ଼େ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ପିଲାଟି କ୍ଷୀର ଖାଉଥିଲେ ମା'ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେମାନେ ଥଣ୍ଡାଜାତୀୟ ଜିନିଷ ଠାରୁ ଦୂରେଇ ରହିବା ସହ ନିଜେ ଯେପରି କୁହୁଡ଼ି ଧୂଳି ଧୂଆଁଠାରୁ ଦୂରେଇ ରହିବେ ସେଥିନିମିତ୍ତ ଯତ୍ନବାନ ହୁଅନ୍ତୁ। ହାଇପୋଥର୍ମିଆ ସେପରି ଏକ ଭୟଙ୍କର ରୋଗ ନୁହେଁ କିନ୍ତୁ କୌଣସି ପ୍ରକାରରେ ତୁଟୁକା ତୁଟୁକି ବା ଗୁଣୀ ଗାରେଡ଼ି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ସରକାରୀ ବ୍ୟବସ୍ଥାରେ ପିଲାଟିର ଚିକିତ୍ସା କରନ୍ତୁ। ଅଧୈର୍ଯ୍ୟ ନହୋଇ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥାକୁ ଆପଣାଇଲେ ଦେଖିବେ ପିଲାଟି ହାଇପୋଥର୍ମିଆରୁ ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିପାରିବ।


ପ୍ରଫେସର ଓ ବିଭାଗୀୟ
ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ
କଲେଜ, ବାଲେଶ୍ୱର


କବିତା କୋଣାର୍କ

## ଫେରି ଯାଆ ଏବେ ଶୀତ

ହରେରାମ ପଣ୍ଡା



ପହିଲେ ପହିଲେ ଦେଖାଇଲୁ ମୁହଁ
କୁହୁଡ଼ି ପରଦା ତଳୁ,
ରୁଞ୍ଜୁ ରୁଞ୍ଜୁ ତୋର କଅଁଳ ଛୁଆଁରେ
କେତେ ଖୁସି ପରଶିଲୁ ।
ବଦଳେଇ ଦେଲୁ ଆକାଶର ରଙ୍ଗ
ବଦଳିଲା ନଈ ପାଣି,
ଶେଫାଳି ଫୁଲରେ ଭରିଦେଲୁ ବାସ
ମନ ନେଉଥିଲୁ କିଣି ।
ଅଳପ ଶୀତକୁ କଅଁଳିଆ ଖରା
ଭରି ଦେଉଥିଲା ମନ,
ଗୁରୁବାରେ ମାଆ ପାହାନ୍ତାରୁ ଉଠି
କରେ ଲକ୍ଷ୍ମୀଙ୍କ ପୂଜନ ।
ଧିରେ ଧିରେ ବଢ଼େ କରାମତି ତୋର
ପାରଦ ଖସି ଗଲାଣି,
କାଠୁଆ ଜାଡରେ ଥରୁଛି ମଣିଷ
ପାଣି ବରଫ ହେଲାଣି ।
ମଣିଷ ହେଲାଣି ନାକରା କାତରା
ରାତିରେ ହେଉନି ଶୋଇ,
ଠାବେ ଠାବେ ଘେରି
ବସୁଛନ୍ତି ଲୋକେ
ମଝିରେ ଧୂନି ଜଳେଇ ।
ସହି ହେଉନାହିଁ ଅସମ୍ଭାଳ ଶୀତ
ଦିନ ହେଉ ଅବା ରାତି,
ଜୀବନ ବିକଳ ବୁଢ଼ା ବୁଢ଼ୀଙ୍କର
ମନରେ ଆସୁଛି ଭୀତି ।
ଭୀଷଣ କଷଣ ଦେଲୁଣି ଏଥର
କଥାଟି କହୁଛି ସତ,
ବସନ୍ତକୁ ନେଇ ଫଗୁଣ ଆସିବ
ଫେରି ଯାଆ ଏବେ ଶୀତ ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫


## ଅତୀତର କୋହ

ସିଦ୍ଧେଶ୍ୱର ତ୍ରିପାଠୀ

ଏମିତି ଶୀତରେ ଦିନେ ଅତୀତରେ
ପ୍ରେମ ମୋତେ ଛୁଇଁଥିଲା
ପଉଷ କାକର ତୁମରି ଠିକଣା
ମୋ କାନରେ କହିଗଲା ।

ଧିରେଧିରେ ଆମେପାଖାପାଖିହେଲେ
ତୁମେ ଗାଇଥିଲ ଗୀତ
ସେଇ ଗୀତ ପାଇଁ ପାଗଳ ସାଜିମୁଁ
ମାଗିଥିଲି ତୁମ ହାତ ।

ଅଜଣା ଅଶୁଣା ନିଆରା ଝିଅଟି
ମୋତେତ କୋଳେଇ ନେଲା
ଏମିତି ଶୀତରେ ଦିନେ ଅତୀତରେ
ପ୍ରେମ ମୋତେ ଛୁଇଁଥିଲା ।

ସରଗର ସୁଖ ମଣିଲି ତୁମକୁ
ଆଉ ସବୁ କଥା ଭୁଲି
କଥା ଦେଇଥିଲ ନବବଧୂ ସାଜି
ମୋ ଘରେ ଆସିବ ବୋଲି

ତୁମରିସେ ଶେଷ ପଦିଏ କଥାରେ
ସବୁତ ବଦଳି ଗଲା
ଏମିତି ଶୀତରେ ଦିନେ ଅତୀତରେ
ପ୍ରେମ ମୋତେ ଛୁଇଁଥିଲା ।

# ଭୂତ ସହ ଭେଟାଭେଟି

## ନଗେନ୍ଦ୍ର ନାଥ ପଟ୍ଟନାୟକ

ସେଦିନ ଝିପିଝିପି ବର୍ଷା ହେଉଥାଏ । ମେଘୁଆ ପାଗରେ ଆରବ ଘର ପାଖ ପାଠାଗାରରେ ବସି କମିକ ବହିଥାକ ଉପରେ ଆଖି ବୁଲାଇଲା ବେଳକୁ ଫିସ୍ ଫିସ ଶବ୍ଦଟିଏ ତା କାନରେ ବାଜିଲା - ଏ କମିକ୍ ବହିଟିକୁ ଛାଡ଼ିଦେ...ଏହା ଅଭିଶପ୍ତ । ଆରବ ଭୟରେ ଶିହରି ଉଠିଲା। ତାର ଘନିଷ୍ଠ ସାଙ୍ଗ ନେହା ଥିଲା ଅନ୍ୟ ବହିଥାକ କଡ଼ରେ । ସେ ଚଟକିନା ଆରବ ପାଖକୁ ଝପଟି ଆସି ପଚାରିଲା - ଆରବ ! ତୁ ସେ ବିକଟାଳ ଫିସଫିସ ଶବ୍ଦ ଶୁଣିଲୁ ନା ?



ଠିକ୍ ସେତିକିବେଳେ ସେଇ ଫିସଫିସ ଶବ୍ଦ ପୁଣି ଭାସି ଆସିଲା,ଏଥର କିନ୍ତୁ ସେ ଶବ୍ଦ ଆସିଲା ଧୂଳି ମଇଳା ସାଲୁବାଲୁ ପୁରୁଣା ବିରଳ ବହିଥାକ ତଳୁ । ପ୍ରଥମେ ଦୁହେଁ ଟିକେ ଭୟ ପାଇଗଲେ, ଟିକିଏ ପରେ କୌତୁହଳୀ ହୋଇ ତାହା କଣ ବୋଲି ଅନୁସଂଧାନ କରିବାକୁ ସ୍ଥିରକଲେ ।

ପାଦ ଚିପି ଚିପି ନିଃଶବ୍ଦରେ ସେ ଦୁହେଁ ପଛଆଡ଼କୁ ଚାଲିଲେ, ଯେଉଁଠି ସେଇ ଫିସଫିସ ଶବ୍ଦ ଖୁବ୍ ଜୋରରେ ଜଣାପଡିଲା । ଟିକିଏନିଖିଏ କରି ଖୋଜାଖୋଜି କଲା ପରେ ବହି ଛଡା ସେମାନଙ୍କ ଆଖିକି କିଛି ଦିଶିଲାନି । କିନ୍ତୁ ଆରବର ନଜର ଲାଖିଗଲା କିଛି ଗୋଟେ ଅଜବ ଚିଜ ଉପରେ । ସେଇଟା ଥିଲା 'ଅତୀତର ଭୂତମାନେ' ନାମ ଲେଖାଥିବା ଗୋଟିଏ ବହି । ସେ ବହିଟିର ମଇଳା ମଲାଟ ଉପରେ ଆଙ୍ଗୁଳି ଚିହ୍ନସବୁ ଥାଏ ।

ଚାଲ , ଗ୍ରନ୍ଥାଗାରଙ୍କୁ ପଚାରିବା : ବେଶ୍ କୌତୁହଳୀ ହୋଇ ନେହା କହିଲା । ଗ୍ରନ୍ଥାଗାର ହୋ ହୋ ହସିଲେ ଆଉ କହିଲେ: ଓହୋ ! ତୁମେ ଦୁହେଁ ତା'ହେଲେ ଭୂତ ଦେଖିଛ। ପିଲାମାନେ କହନ୍ତି, ସେ ଭୂତଟା କାଳେ ପୁରୁଣା ବହିଗୁଡିକୁ ଜଗି ବସିଥାଏ । ତୁମେ କ'ଣ ସତରେ ଅନୁସଂଧାନ କରି ରହସ୍ୟ ଫିଟାଇବାକୁ ଚାହୁଁଛ । ଦୁହେଁ ଅତି ଆଗ୍ରହର ସହିତ ଉତ୍ତର ଦେଲେ : ହଁ, ଆମେ ସେ ଆହ୍ୱାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ।

ପରଦିନ ଟର୍ଚ୍ଚ ଆଲୁଅ, ନୋଟଖାତା ଓ କିଛି ଜଳଖିଆ ସାଙ୍ଗରେ ଘେନି ଆରବ ଆଉ ନେହା ଆସି ପାଠାଗାରରେ ହାଜର । ଯେତେବେଳେ ଫିସ ଫିସ ଶ ବ୍ଦ ପୁଣି ଭାସି ଆସିଲା ଆରବ ନଜର ପଡ଼ିଗଲା ବହିଥାକ ତଳେ ଗୋପନରେ ରହିଥିବା ଗୋଟିଏ ଅତି ଛୋଟ କୁହାଟ ଛାଡିଥିବା ଯନ୍ତଟି ଉପରେ । ସେଇ ଯନ୍ତ୍ର ସହ ଯୋଡା ହୋଇଥିବା ତାର ପଛେପଛେ ଦୁହେଁ ଅନୁସରଣ କଲେ । ଆଶ୍ଚର୍ଯ୍ୟଜନକ ଭାବେ ସେମାନେ ପହଞ୍ଚିଗଲେ ଗ୍ରାନ୍ଥାଗାରିକ ଟେବୁଲ୍ ପାଖରେ । ତାରଟି ଅତି ଛୋଟିଆ ଭଏସ ରେକର୍ଡର ସହିତ ଯୋଡା ହୋଇଥିଲା । ବର୍ଷକ ତଳେ ଗ୍ରାନ୍ଥକାରିକା ସେଟାକୁ କୌଣସି ଏକ ପାର୍ଟି ଉପଲକ୍ଷେ ଥାପି ଦେଇଥିଲେ । ପରେ ସେଟାକୁ ଖୋଲିକରି ଘରକୁ ନେବାପାଇଁ ଭୁଲି ଯାଇଥିଲେ । କୋଳାହଳଶୂନ୍ୟ ଦିନମାନଙ୍କରେ ଅଳିଆ ଜମିଥିବା ବହିଥାକ ଭିତରୁ ଶବ୍ଦ ସୃଷ୍ଟି ହେଉଥିଲା । ଏ କଥା ଜାଣିଲା ପରେ ଆରବ ଆଉ ନେହା ଦୁହେଁ ବଡ ପାଟିରେ ହସି ହସି ବେଦମ୍ ହୋଇଗଲେ । ଶେଷରେ ସେ ଦୁହେଁ ଘର ଆଡେ ମୁହାଁଇବାକୁ ଲାଗିଲେ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର
ଓସ୍କାର ସିଟି ,ଲେନ ନଂ ୯,ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

# ଆ ଚାଖି ନେବା ଶୀତର ମଜା

## କୀର୍ତ୍ତନ ସାହୁ

ସଅଳ ସଅଳ ଉଠି ପଡ଼ି ଶେଜୁ
ସକାଳ ଚାଲିରେ ଯିବା
ଖୋଲା ପଡ଼ିଆରେ ଟାଲୁ ଥିବା ବେଳେ
ଖରା ପିଠି କରି ଥିବା ।

ଶୀତ ଦିନ ଏଇ କଅଁଳିଆ ଖରା
ଦେହ ପାଇଁ ପରା ହିତ
ଭିଟାମିନ ଡି ' ରହିଛି ଏଥିରେ
ଜାଣିଥା ' ମୋର ମିତ ।

ଗରମ ପୋଷାକ ପିନ୍ଧି ଥିବା ବେଳେ
ଦେହକୁ ଆରାମ ଲାଗେ
ଶୀତ ଦିନେ ସବୁ କାମ କରିବାକୁ
ମନରେ ସରାଗ ଜାଗେ ।

ଗରମ ଗରମ ବରା ଓ ପକୁଡ଼ି
ତା ସାଙ୍ଗରେ ଆଲୁଦମ୍
ଉଷୁମ ମୁଢ଼ିକୁ ଚିନାବାଦାମ ତ
ସିଏ ଅବା କୋଉ କମ୍ ।

ବାମ୍ଫ ବାହାରିବା ଚା କପ୍ ଧରି
ଜେଜେ ବସି ଯାନ୍ତି ଖଟେ
ଟିକି ନାତୁଣୀଟି ସୁଏଟର ପିନ୍ଧି
ଠିଆ ହୁଏ ବାମ ପଟେ।

ବାଡି ବଗିଚାରେ ଗେଣ୍ଡୁଫୁଲ ଫୁଟି
ଆହା କି ସୁନ୍ଦର ବାସେ
ବଡ଼ି ଭୋ 'ରରୁ କୁହୁଡି ସାଥୀରେ
ସୂରୁଯଟି ଉଇଁ ଆସେ ।

ଶୀତ ଋତୁ ମଜା ଆଉ କୋଉ ଋତୁ
କେବେ ଦେଇ ପାରେ ନାହିଁ
ଚଳଚଞ୍ଚଳ ଯେ ରଖିଲେ ନିଜକୁ
ମଜା ତାର ନେବା ଯାଇ ।

+ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଅସଲ ଖୁସି

## ସତ୍ୟନାରାୟଣ ପ୍ରଧାନ



ଗୁଡୁଲି ଅଫିସରୁ ଛୁଟି ନେଇ ଘରକୁ ଫେରିଲା । ସେ ପିଲାଟି ଦିନରୁ ଦୁଃଖ କଷ୍ଟରେ ଆଗକୁ ବଢ଼ି ଶେଷରେ ଚାକିରୀଟିଏ ପାଇଲା । ଚାକିରୀ ପାଇବା ପରେ ସେ ଅନେକ ମାସ ହେବ ଆଉ କେଉଁ ବନ୍ଧୁଘରକୁ ଯାଇନାହିଁ । ଗାଁକୁ ଫେରିବା ପରେ ସେ ତା ବୋଉ ସହିତ ମାମୁଘର ଯିବାକୁ ଇଚ୍ଛା କଲା । ଅଜାଙ୍କ ବୟସ ହୋଇ ଯାଇଥିବାରୁ ଦେହ ପା କେତେବେଳେ କେଉଁ କଥା ଆଗରୁ ଦେଖା କରି ଆସିବାକୁ ଉଚିତ ମନେ କରି ବାହାରି ପଡିଲା ।

ମାମୁଘରେ ପହଞ୍ଚିଲା ପରେ ତାକୁ ଭାରି ଆନନ୍ଦ ଲାଗୁଥିଲା । ସେଠାରେ ବିତାଇଥିବା ସ୍ମୃତି ଗୁଡାକ ଆଖି ଆଗରେ ତାର ନାଚି ଉଠିଥିଲା । ବର୍ଷା ଦିନେ ଓଦା ହେବାରୁ ମାମୁଙ୍କ ଠାରୁ ଖାଇଥିବା ଚାପୁଡ଼ା ଆଉ ସକାଳୁ ପଖାଳ ଭାତ ସାଙ୍ଗରେ ଆଳୁପୋଡ଼ାକୁ ଲୁଣି ଶୁଖୁଆ । ସ୍କୁଲ ଛୁଟି ହେବାରୁ ପାଠ ଚିନ୍ତା ଛାଡ଼ି ଏଠାକୁ ଆସି ବଡ଼ି ନଇରେ ମାଛ ଧରି ମଜାରେ ଗଛରେ ଚଢିବା । ଘରକୁ ଫେରିଲା ବେଳେ ହାତଗୋଡ଼ରେ ତେଲ ମାରି ପାନିଆରେ ମୁଣ୍ଡ କୁଣ୍ଡାଇ ହାତରେ ଦଶ ଟଙ୍କା ଆଇ ମାଆ ଧରାଇ ଦେଉଥିଲା । ସେଥିରେ ମିଳୁଥିବା ଖୁସି ଏବେ ତା ବହୁ ଗୁଣରେ ଅଧିକ ଟଙ୍କା ରୋଜଗାର କଲେ ବି କିଛି ଲାଗୁ ନ ଥିଲା ବୋଲି ସେ ଅନୁମାନ କରିଥିଲା । ସେ ଆଇ ମାଆ ନିକଟରେ ଏ ସବୁ କଥା ଖୋଲି କହିଲା ।

ତା କଥା ଶୁଣି ସେ ହସି ଦେଇ ଆରେ ଧନ ଆମେ ଜୀବନରେ ଯଦି ଅଳ୍ପ ବଞ୍ଚିବା ତା ହେଲେ ବେଶି ଖୁସି ହେବା । ତୁ କେବେ ଦଶ ଟଙ୍କା ପାଇ ତା ବେଶି କେବେ ଆଶା ରଖି ନ ଥିଲୁ । ଆକାଶ ମାଟିକୁ ନ ଛୁଇଁ ପାରିଲେ ବି ତାକୁ କେବେ ଅନୁଭବ ହୋଇ ନାହିଁ ଅଲଗା ରହିଛି । ଦୂର ପର୍ବତକୁ ଦେଖିଲେ ସେ ଯେପରି ଆକାଶକୁ ଚାହିଁ ରହିଛି ପରି ଲାଗେ । ଆକାଶରେ କଳା ହାଣ୍ଡିଆ ବାଦଲ ଭାସି ଯାଏ ତଥାପି ସେ ଜାଣି ମଧ ତାର ସ୍ଥାନ ହେଉଛି ମେଘ ହୋଇ ମାଟିରେ ପଡ଼ିବାକୁ । ଇନ୍ଦ୍ରଧନୁ ଆକାଶରେ ପଡିଲେ ସମସ୍ତେ ତାକୁ ଦେଖି ଆନନ୍ଦ ପାଆନ୍ତି କିନ୍ତୁ ସୂର୍ଯ୍ୟ କିରଣରେ ପୁଣି କୁଆଡେ ମିଶି ଯାଏ । ବାଟୋଇ ଖରାଦିନେ ଥକ୍କା ମାରିବା ଲାଗି ବୁଢ଼ା ବରଗଛ ତଳେ ବସେ ପୁଣି କିଛି ସମୟ ପରେ ତା ବାଟରେ ଚାଲି ଯାଏ । ବରଗଛ କେବେ ତାକୁ କ'ଣ ମନା କରିଛି ତୁ ଛାଡ଼ି ଯିବୁ ବୋଲି ମୋ ପାଖକୁ ନ ଆସିବାକୁ । ଚଢେଇଟି କେତେ କଷ୍ଟରେ ଜନ୍ମ କରିଥିବା ଛୁଆଙ୍କୁ ଖାଦ୍ୟ ସଂଗ୍ରହ କରି ଦିଏ ଆଉ ସେ ଜାଣିଛି ସେମାନେ ଉଡିବା ଶିଖିଗଲେ ତାକୁ ଛାଡ଼ି ଚାଲିଯିବେ ବୋଲି । ଗଛଟିଏ ତା ଡାଳରେ ଥିବା ଫଳ ଗୁଡିକର ବୋଝକୁ ବୋହି କେବେ ତା ତାଠାରୁ ଅଲଗା ହେବାକୁ ଇଚ୍ଛା କରିନାହିଁ । ଗୁଡୁଲି ସେପରି ତାଙ୍କୁ ଚାହିଁ ରହିବାରୁ ସେ ପୁଣି କହିଲେ।

ଜୀବନରେ ଆମେ ବର୍ତ୍ତମାନ ଯାହାକୁ ନେଇ ବଞ୍ଚୁଛେ ତାକୁ ଆପଣାର ଭାବି କର୍ମ ସହିତ ତାକୁ ମନରୁ ସମ୍ମାନ କରିବା । ଆଗକୁ ଯାହା ଘଟିବ ତାହା ଅଲଗା କଥା ନିଜର ଯାହା ଅନ୍ୟ ପ୍ରତି ଥିବା ସାହାଯ୍ୟ ସହଯୋଗକୁ ଆଗେଇ ନେବା ଭିତରେ ହିଁ ଆମ ଜୀବନର ଅସଲ ଖୁସି ଲୁଚି ରହିଥାଏ । ଯାହାକୁ ମୁଁ ଆଗରୁ କହି ଆସୁଥିଲି । ସେ ସୁଖ ହେଉ ଅବା ଦୁଃଖ ତାକୁ ସହି ବାଟ ଚାଲିବାକୁ ପଡିବ। ଗୁଡୁଲିର କଥା ଶୁଣି ତା ମନରେ ଉଠିଥିବା ଭାବନାରେ ପୂର୍ଣ୍ଣଛେଦ ପଡିଥିଲା । ଖାଇବାକୁ ତାର ବୋଉ ଡାକିବାରୁ ସେ ମୁହଁ ହାତ ଧୋଇବାକୁ ହସି ଦେଇ ଚାଲି ଯାଇଥିଲା ।

+ ଅଣ୍ଟିଆ, ଯାଜପୁର,
ମୋ :୯୧୭୮୩୧୩୬୪

# ତୁମ ଲେଖା...



## ନୂଆ ବରଷରେ ନୂଆ ବରଷ

### କୁମୁଦିନୀ ଘି

ନୂଆ ବରଷରେ ନୂଆ ବରଷ
ସବୁରି ଓଠରେ ଦେ ତୁ ହସ।୦।

ହେଲେ ବି ହେମାଳ ଉଷୁମ ମନ
ମତୁଆଲା ଆଜି ଏ ଗିରି ବନ
(ପାଣି,ପବନ)
କବିତା ରସିକେ ରସନ୍ତି ବର୍ଷକେ
ବନାନୀର ପାଇ ଦିବ୍ୟ ପରଷ। ୧।

ଥର ଥର ହାତ ଓହୋ କି କଷ୍ଟ
ଧରି କି ବିଦାୟ ଦେଉଚି ମିତ
ପଚିଶ ଆଖିରେ ପାରୁଚି ଦେଖିରେ
ଦୁଇ ଗୋଟେ ଶୁନ ଆଉ ଛବିଶ। ୨।

ଭଟାରେ ଶୁଖିଲା ଖରିଫ୍ ରୁଆ
ଆନନ୍ଦେ ନାଚିଲା ପଞ୍ଚମୀ ବୁଆ
ଫ୍ରକ୍, ଶାଢ଼ୀ ,ଚୁଡ଼ି କିଣିବ ଅପର୍ତ୍ତି
ଗୁରେଇ ଡାକୁଚି ପାଖକୁ ଆସ।୩।

ବାଟରେ ଦେଖିଲି କ୍ଷେତର ଖଳା
ଧାନ ପୁଟି ପୁଟି ହୋଇଚି ମଳା
ହସୁଚି କୃଷକ ହସୁଚି ଏ ଦେଶ
ଆସିଗଲା ଦେଖି ପଉଷ ମାସ।୪।

ଜନ୍ମିଥିଲେ ଆଜି ସତ୍ୟେନ୍ଦ୍ର ନାଥ
ଭୌତିକ ବିଜ୍ଞାନ ଗଣିତେ ଖ୍ୟାତ
ସ୍ମରଣେ ବୋଷନ ପଦ୍ମ ବିଭୁଷଣ
ଯଶସ୍ୱୀ ଭାରତେ ବନ୍ଦଇ ବିଶ୍ୱ।୫।

ଜଗତର ଲୋକ ସ୍ୱାଗତ ଗୀତ
ଏକ ମନ ହୋଇ ଗାନେ ପ୍ରମତ୍ତ
ଆହା କେତେ ଢଙ୍ଗେ ନାଚୁଛନ୍ତି ରଙ୍ଗେ
ମହକୁଚି ମାଟି ମାଟି ମଣିଷ। ୬।

+ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ, କଳାହାଣ୍ଡି - ୭୬୬୦୧୪

# ଗୁଡ଼ିରେ ଗୁଡ଼ି

## ସୁଧାକର ରାଉତ

ନାଆଁଟି ମୋର ଗୁଡ଼ି
ରଙ୍ଗରଙ୍ଗିଆ ମୋହର ଛବି
ଆକାଶେ ଯାଏ ଉଡ଼ି ।
ତିଆରି ତୁମ ହାତେ
ତୁମ ଭଳି ବି ସପନ କେତେ
ଅଥୟ କରେ ମୋତେ ।
ଉଡ଼ିବା ନିଶା ମୋର
ସାକାର ହୁଏ ଯେବେ ମୋ ଠାରେ
ବାନ୍ଧ ସୂତାର ଡୋର ।
ପବନ ବନ୍ଧୁ ହୋଇ
ଉଡ଼ାଏ ମୋତେ ସାଥିରେ ତାର
ନଚାଇ ଥେଇ ଥେଇ ।
ଆନନ୍ଦେ ଗାଇ ଗୀତ
ପକ୍ଷୀମାନଙ୍କୁ ଡାକି ମୁଁ କହେ
ହେବାକୁ ମୋର ମିତ ।
କହନ୍ତି ପକ୍ଷୀ ଦଳ
ବହପ ତୋର ଦେଖାନି ଆଉ
ପବନୁ ପାଇ ବଳ ।
ଉଡୁ ତୁ ସୂତା ବଳେ
କାଟିଲେ ସେଠୁ ସମ୍ପର୍କ ତୋର
ପଡ଼ିବୁ ପୁଣି ତଳେ ।
ଉଡ଼ାଇବାର ନିଶା
ପିଲାଙ୍କୁ ବିଭୋର କରେ ପରା
ଭୁଲନ୍ତି ସିଏ ଦିଶା ।
ଦୁର୍ଘଟଣାକୁ ଡାକି
ଆଣନ୍ତି ସିଏ ତୋ ଯୋଗୁ ସିନା
ଏ କଥା ଭାବିଚୁ କି ?
ସତର୍କ ତାଙ୍କୁ କରା
ସାବଧାନେ ଉଡ଼ାଇଣ ତୋତେ
ଲଭନ୍ତୁ ଖୁସି ପରା ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ବହେ ମମତା-ଝର

## ଅରୁଣ କୁମାର ପଣ୍ଡା

ଗାଆଁର ଶେଷ ମୁଣ୍ଡରେ ଥାଇ
ଦିଶଇ ମନୋହର
ସରଗଠାରୁ ବଡ଼ ମୋ ପାଇଁ
ସେ ପରା ଆମ ଘର ।
ସେଇଠି ହେଲି ଜନମ ମୁଁ ଯେ
ସେଇଠି ଷଠୀଘର
ତାହାରି କୋଳ ସପନପୁର
ବହେ ମମତା-ଝର ।
ଝରକା ଫାଙ୍କେ ଚାନ୍ଦିନୀ ହସେ
ବହେ ଦକ୍ଷିଣା ବାଆ
ପୁଷି ବିଲେଇ ଲାଞ୍ଜ ହଲେଇ
ପାଖକୁ ଡାକେ ଆ' ।
ବାପା ଆକଟ ମାଆଆଦର
ଅପାର ମିଛ କଳି
ଜେଜେଙ୍କ ମଜା ଜେଜୀମା ଗପ
ଏକୁ ଆରେକ ବଳି ।
ସେଇ ଘରୁ ମୁଁ ଶିଖିଛି ପରା
ମାନିବି ଗୁରୁଜନ
ପାଠ ପଢିବି ସତ କହିବି
ନ ମଣି କା'କୁ ହୀନ।
ଦୂରକୁ ଗଲେ ଘରକଥା ମୁଁ
ପାରଇ ନାହିଁ ଭୁଲି
ତାହାରି ଛବି ଆଖିରେ ନାଚେ
ହୁଅଇ ତାକୁ ଭାଳି।
ଆମରି ଘର ଦେଇଛି ମୋତେ
ଯେଉଁ ସୁନ୍ଦର ଶିକ୍ଷା
ତାହାକୁ କାମେ ଲଗାଇଲେ ମୁଁ
ସମାଜ ହେବ ରକ୍ଷା ।

+ତୋଟାପଡା, ଘଣ୍ଟେଶ୍ୱର
ଭଦ୍ରକ -୭୫୬୧୨୯
ମୋ: ୯୯୩୭୬୭୨୭୦୮

# ଜାଣିବା କିଏ କେମିତି

## ନୀଳମଣି ଚାନ୍ଦ

ପରୀକ୍ଷାଟି କହିଦିଏ
କେ କେମିତି ପଢୁଛି
ଯୁଦ୍ଧଟି କହିଦିଏ
କେ କେମିତି ଲଢୁଛି ।

କୁସ୍ତିଟି କହିଦିଏ
କେତେ ବଳ କାହାର
ଭୋଜନଟି କହିଦିଏ
କେତେ କା'ର ଆହାର।

ମୁଖଶାଳା କହିଦିଏ
ମନ୍ଦିରଟି କେମିତି
କଥା ପଦେ ଜଣାଏରେ
ଲୋକଟି ତ ଏମିତି ।

କେତେ ଭଲ ଖେଳାଳୀ ସେ
ପଦକଟି କହେରେ
ମଉଛବ ଜଣା ପଡ଼େ
ଯଦି ଭିଡ଼ ରହେରେ।

ଥର୍ମୋମିଟର କହେରେ
ଦେହେ ଜ୍ୱର କେତେରେ
ଫଳ କହିଦିଏ ଗଛ
ଭଲଟି ତ ଏତେରେ ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଟୁଉକୁ ମୂଷୀ...

## ରାମଚନ୍ଦ୍ର ବେହେରା

ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ
ମକର ପରବ ଆସୁଛି ହସି
ଆକାଶେ ଉଡିବ ଗୁଡି
ଉତ୍ତରକୁ ମୁହଁ କରିବେ ସୂରୁଜ
ଦକ୍ଷିଣ ଦିଗକୁ ଛାଡି।
ରାତି ଛୋଟ ହେବ ବଢିବ ଦିନ
ଧୀରେ ଧୀରେ ଶୀତ ହୋଇବ ଲୀନ
ଟାଣ ହେବ ସୂର୍ଯ୍ୟ ଖରା
ସଭିଏଁ ପୂଜିବେ ପ୍ରଭୁ ତପନଂକୁ
ମିଳିବ ଆଶିଷ ଧାରା।
ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ
ମକର ବାଣ୍ଟିବ ଅପାର ଖୁସି
ମନ୍ଦିରକୁ ଯିବେ ଜନେ
ମକର ଚାଉଳ ରାଶିଲଡୁ ଭୋଗ
ଲଗାଇବେ ଖୁସି ମନେ।
ପଂଜାବରେ ଏହି ପର୍ବକୁ ଜନେ
ହରଷେ ପାଳିବେ ଲୋହଡି ନାମେ
ଦକ୍ଷିଣ ଭାରତ ବର୍ଷେ
ପୋଂଗଲ ପର୍ବକୁ ପାଳିବେ ସରବେ
ରଂଗୋଲି ସଜାଇ ହର୍ଷେ।
ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ
ଆ'ମୋ ପାଖକୁ ଯାଆନା ରୁଷି
ମକର ବୁଡକୁ ଯିବା
ମେଳା ପଡିଆରୁ ସୁନ୍ଦର ଖେଳନା
ବାଛି ବାଛିକି କିଣିବା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବିଶ୍ୱବିଜୟୀ

## ସୁଜିତ କୁମାର ମିଶ୍ର

ବାଳୁତ କାଳୁ ଥିଲା ତାଙ୍କର
ଈଶ୍ୱର ଭକ୍ତି ମନ ,
ପିତାମାତାଙ୍କୁ କରୁଥିଲେ ସେ
ଶ୍ରଦ୍ଧା ଓ ସନମାନ ।
ଭୁବନେଶ୍ୱରୀ ବିଶ୍ୱନାଥଙ୍କ
କୋଳ ମଣ୍ଡନ କଲେ,
ଦୁଃଖୀରଙ୍କୀଙ୍କ ଆଖିରୁ ସିଏ
ଲୁହକୁ ପୋଛୁଥିଲେ ।
ପିଲାଦିନର ନାମଟି ତାଙ୍କ
ଥିଲା ଯେ 'ବିଲେ' ଜାଣ,
ହୋଇଲେ ସିଏ ନରେନ୍ଦ୍ର ନାଥ
ତା'ପରେ ପ୍ରତିକ୍ଷଣ ।
ଧରମ ଭାବ ପଥରେ ଯାଇ
କରମ କଲେ ନିତି,
ସଂସାର ହିତେ ହେଲେ ସନ୍ୟାସୀ
ତେଜି ସଂସାର ପ୍ରୀତି ।
ଚିକାଗୋ ଯାଇ ରଖିଲେ ଯଶ
ଧରମ ଗୁରୁ ହୋଇ,
ବିଶ୍ୱ ବିଜୟୀ ବୋଲାଇଲେ ସେ
ମିଠା ଭାଷଣ ଦେଇ ।
ପରମ ହଂସ ରାମକୃଷ୍ଣଙ୍କୁ
ବରିଥିଲେ ସେ ଗୁରୁ,
ତାଙ୍କ ଆଦର୍ଶ ଜୀବନେ ଥିଲା
ପ୍ରେରଣା ଭରା ତରୁ ।
ବିବେକାନନ୍ଦ ନାମରେ ସିଏ
ସାରା ଜଗତେ ଖ୍ୟାତ,
ତାଙ୍କୁ ପୂଜିଲେ ହୋଇବ ପିଲେ
ସୁଗମ ଚଲାପଥ ।

+ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ଦୁଇ ବନ୍ଧୁଙ୍କର ପ୍ରକୃତ ମିତ୍ରତା

## ସୁବ୍ରତ କୁମାର ଦାସ



ଗୋଟିଏ ଗାଁର ସ୍କୁଲରେ ଦୁଇଜଣ ସାଙ୍ଗ ପଢୁଥିଲେ। ଜଣଙ୍କ ନାଁ ଥିଲା ବିନୟ, ସେ ବହୁତ ଗରିବ ଥିଲା। ଅନ୍ୟ ଜଣଙ୍କ ନାଁ ଥିଲା ବିସ୍ମୟ, ସେ ବହୁତ ଧନୀ ଅଟେ। ଦୁଇଜଣଙ୍କ ଘର ପରିସ୍ଥିତି ଭିନ୍ନ ଥିଲେ ମଧ ସେମାନେ ଏକା ଶ୍ରେଣୀରେ ପଢୁଥିଲେ ଓ ଭଲ ମିତ୍ର ଥିଲେ। ବିନୟ ପାଖରେ ନୂଆ ବହି, ଖେଳନା କିମ୍ବା ଦାମିକା ବ୍ୟାଗ ନଥିଲା। ସେ ପୁରୁଣା ବହି ଓ ଛୋଟ ବ୍ୟାଗ ନେଇ ସ୍କୁଲକୁ ଆସୁଥିଲା। କିନ୍ତୁ ସେ ବହୁତ ପରିଶ୍ରମୀ ଓ ସତ୍ୟବାଦୀ ଥିଲା। ବିସ୍ମୟ ପାଖରେ ସବୁ କିଛି ଥିଲା—ଭଲ ପୋଷାକ, ନୂଆ ବହି ଓ ସୁନ୍ଦର ଟିଫିନ୍ ଥିଲା। କିନ୍ତୁ ସେ କେବେ ବିନୟ କୁ ଅବହେଳା କରୁନଥିଲା। ପ୍ରତିଦିନ ସେ ବିନୟ ସହ ନିଜ ଟିଫିନ୍ ଭାଗ କରୁଥିଲା। ଗୋଟିଏ ଦିନ ସ୍କୁଲରେ ଗଣିତ ପରୀକ୍ଷା ହେଲା, ବିସ୍ମୟ ପାଠ ଭଲଭାବେ ବୁଝି ନଥିଲା ଓ ଭୟଭୀତ ଥିଲା। ବିଦ୍ୟାଳୟରେ ଶିକ୍ଷକ ପାଠ ପଚାରି ମାରିବେ ବୋଲି ଭିତରେ ଭୟ କରୁଥିଲା । ବିନୟ ତାକୁ ପାଠ ପଢ଼ିବାରେ ସାହାଯ୍ୟ କଲା। କିଛିଦିନ ପରେ ପରୀକ୍ଷା ହେଲା । ପରୀକ୍ଷାରେ ଦୁଇ ଜଣ ଭଲ ମାର୍କ ପାଇଲେ। ଶିକ୍ଷକ ସେମାନଙ୍କ ମିତ୍ରତା ଦେଖି ଖୁବ୍ ଖୁସି ହେଲେ ଓ କହିଲେ, ଧନ କିମ୍ବା ଗରିବ ନୁହେଁ, ସତ୍ୟ ମିତ୍ରତା ମଣିଷକୁ ବଡ଼ କରେ। ପ୍ରକୃତ ମିତ୍ରତା ଧନରେ ନୁହେଁ, ହୃଦୟରେ ଥାଏ। ତୁମ ଦୁଇ ଜଣଙ୍କର ପ୍ରକୃତ ମିତ୍ରତା ଜଣା ପଡିଲା । ସେହି ଦିନଠାରୁ ସମସ୍ତେ ବିନୟ ଓ ବିସ୍ମୟଙ୍କୁ ସତ୍ୟ ମିତ୍ର ବୋଲି ଡାକିଲେ।

+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# କୁଷ୍ଠ ରୋଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀ ପାଇଁ ଜିଲ୍ଲା ସମନ୍ୱୟ କମିଟି ବୈଠକ

ସୁବର୍ଣ୍ଣପୁର,୦୯/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡଃ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ସ୍ପର୍ଶ ଲେପ୍ରସି ବା କୁଷ୍ଠ ରୋଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସମ୍ୱନୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କମିଟି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଡ଼ ଉଷାରାଣୀ ଦାଶ ସ୍ପର୍ଶ ଲେପ୍ରୋସି ବା କୁଷ୍ଠ ରୋଗ ସଚେତନତା ଉପରେ କମିଟି ବୈଠକରେ ସମସ୍ତ ସଦସ୍ୟ, ସଦସ୍ୟାଙ୍କୁ ଅବଗତ କରାଇଥିଲେ ଯେ, କୁଷ୍ଠ ରୋଗ ଚିକିତ୍ସା ଦ୍ୱାରା ଆରୋଗ୍ୟ ଅଟେ । କୁଷ୍ଠ ରୋଗୀ ମାନଙ୍କୁ ଘୃଣା ଓ ହତାଦର କରିବା ଅନୁଚିତ। କୌଣସି କୁଷ୍ଠ ରୋଗୀଙ୍କୁ ପାତର ଅନ୍ତର, ବିଭେଦ ସହିତ ଅସ୍ପୃଶ୍ୟ ରଖିବା ନାହିଁ, କୁଷ୍ଠ ରୋଗରୁ ଆରୋଗ୍ୟ ହେଲା ପରେ ସେମାନଙ୍କର ଥଇଥାନ ସହିତ ସରକାରୀ ଯୋଜନାର ଅନ୍ତର୍ଭୁକ୍ତ କରି ସରକାରୀ ସୁବିଧା ଯୋଗାଇଦେବା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହାର ବହୁଳ ପ୍ରଚାର ଓ ପ୍ରସାର କରାଯିବ ବୋଲି ପ୍ରକାଶ କରିଥିଲେ। ଏହା ପରେ ଡ଼ ତ୍ରିବିକ୍ରମ ପାଣ୍ଡିଆ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ପି.ପି.ଟି ମାଧ୍ୟମରେ ଲେପ୍ରିସି ବା କୁଷ୍ଠ ରୋଗ ବିଷୟରେ ବିଶଦ ଭାବରେ ସମସ୍ତ ସଦସ୍ୟ, ସଦସ୍ୟା ମାନଙ୍କୁ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି କୁଷ୍ଠ ରୋଗ ସଚେତନତା ଅଭିଯାନ ୧୫ ଦିନ ବ୍ୟାପୀ ସମଗ୍ର ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ଅଂଚଳରୁ ସହରାଚଂଳ ମାନଙ୍କରେ ପ୍ରଚାର ଓ ପ୍ରସାର କରାଯିବ ବୋଲି ପ୍ରକାଶ କରିଥିଲେ । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଉପସ୍ଥିତ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ। ଏହି ଜିଲ୍ଲା ସମ୍ୱନୟ କମିଟି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାର କର୍ମଚାରୀ ଓ ଅଧିକାରୀ ବୃନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର, ଅଚ୍ୟୁତାନନ୍ଦ ସିଂହ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀଙ୍କ ସମେତ ଏହି କମିଟିର ସଦସ୍ୟ/ସଦସ୍ୟା ମାନେ ଉପସ୍ଥିତ ଥିଲେ।

# ଚତୁର୍ଥ ଦିନରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ

ବଲାଙ୍ଗୀର,୦୯/୧ (ନି.ପ୍ର): ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆ ଠାରେ ବଲାଙ୍ଗୀର ଫ୍ରେଣ୍ଡ୍ସକ୍ଲବ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗୀତା ଚତୁର୍ଥ ଦିନରେ ପହଁଚିଛି। ଆଜିର ଏହି ପ୍ରତିଯୋଗିତାରେ କ୍ଲବର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୂଖ୍ୟ-ଅତିଥି ଭାବରେ ଅତିରିକ୍ତ ଜିଲ୍ଲପାଳ ବିଜୟନନ୍ଦ ସେଠି, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ତରଣୀ ସୁନା, ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡ଼ଃ ପୁଷ୍ପାଞ୍ଜଳି ମିଶ୍ର, ତହସିଲଦାର ଲଗ୍ନଜୀତ ବେହରା,ଡ଼ଃ ତୁଷାର ଠାକୁର, ସେଣ୍ଟୁରୀୟାନ ୟୁନିଭେର୍ସିଟି ର ଡାଇରେକ୍ଟର ଡ଼ଃ ପ୍ରଦୀପ ଷଡ଼ଙ୍ଗୀ, ଡ଼ଃ ଜୟଶଙ୍କର ମିଶ୍ର, କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର, ସଂଯୋଜକ ମନୋଜ ମିଶ୍ର ଏବଂ ମଧୁ ବନଛୋର ମଂଚାସିନ ଥିଲେ। ଦେବାଶିଷ ବାଗ, ସୁଦର୍ଶନ ସେଠ, ସଞ୍ଜନ କୁଡ଼େଇ, ଜ୍ୟୋତି ମହାନନ୍ଦ, ଜିତୁ ଦଳାଇ ଖେଳ ପରିଚାଳନା କରିଥବା ବେଳେ ମ୍ୟାଚ କମିସନର ଭାବରେ ଶୁନିଲ ଚନ୍ଦ୍ର ବିଶ୍ୱାଲ ରହିଥିଲେ। ଆଜି ଚତୁର୍ଥୀଦିନ ରେ ସ୍ପୋର୍ଟ ହଷ୍ଟେଲ ବଲାଙ୍ଗୀର ଏବଂ ଝାରସୁଗୁଡା ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା, ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପର ଗୋଲ ଦେଇନଥିଲେ... ପରିଶେଷରେ ଝାରସୁଗୁଡା ଦଳ ପେନଲଟି ସୁଟ ଆଉଟ ଜରିଆରେ ୫-୩ ଗୋଲରେ ବଲାଙ୍ଗୀର ଦଳ କୁ ପରାସ୍ତ କରି ସେମି ଫାଇନାଲକୁ ଉତିର୍ନ୍ନ ହୋଇଥିଲା। ବିଶିଷ୍ଟ କ୍ରିଡାବିତ ଲୋକନାଥ ନେପାକ ଏବଂ ଜୟ ନାରାୟଣ ମେହେରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା।

# ଏନ୍.ଏସ୍. ପୋଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କେନ୍ଦୁଝର,୦୯/୧ (ନି.ପ୍ର): ସ୍ଥାନୀୟ ଏନ୍.ଏସ୍. ପୋଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ଅପରାହ୍ନରେ ମହାସମାରୋହରେ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଲା ରାଉତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ ଯୋଗ ଦେଇ ସମୟର ସଦୁପଯୋଗ, ପାଠ ସହିତ ଖେଳକୁ ଅଗ୍ରାଧିକାର ଦେଇ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ସାଧନା ଜାରି ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶିଶିର କୁମାର ରାୟ ଯୋଗଦେଇ କ୍ରୀଡ଼ା ଆମ ଜୀବନରେ କିପରି ମହତ୍ୱପୂର୍ଣ୍ଣ ସେ ସମ୍ୱନ୍ଧରେ ଆଲୋକପାତ କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏନ୍.ସି.ସି. ଶିକ୍ଷକ ବିଜୟ କୁମାର ବେହେରା ପୁରସ୍କାର ବିତରଣ ଉତ୍ସବର ମଂଚ ପରିଚାଳନା କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ଉତ୍ସାହିତ ଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଦେବାଶିଷ ମାଝୀ ଏବଂ ନବମ ଶ୍ରେଣୀର ଛାତ୍ରୀ ସୁପ୍ରିୟା ସେଠୀ ଚଳିତ ବର୍ଷର ବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହୋଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିବାରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅର୍ଜୁନ ଚରଣ ପାଗଳ ଏବଂ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସଂଯୁକ୍ତା ନାଥ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗୁରୁଦେବ ମହାନ୍ତ, କମଳ ଲୋଚନ ପ୍ରଧାନ, ବିଜୟ କୁମାର ବେହେରା, ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, କଳାବତୀ ଦେହୁରୀ, ଜୁନିଅର ଆସିଷ୍ଟାଂଟ ସତ୍ୟନାରାୟଣ ମଲ୍ଲିକ, ଶିକ୍ଷା କର୍ମଚାରୀ ଯୋଗେଶ୍ୱର କବାଟ, ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ବାର୍ଷିକ କ୍ରୀଡ଼ା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କମଳ ଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁଟ ଅଳଙ୍କାର ଘର ପଛରେ ଲୁଚାଇ ରଖିଥିବା ଅଭିଯୁକ୍ତକୁ ଗିରଫ କଲା ଆଦର୍ଶ ଥାନା ପୋଲିସ

ଖୋର୍ଦ୍ଧା,୦୯/୧ (ନି.ପ୍ର): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ସୁନା ଦୋକାନରୁ ସୁନା ଅଳଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ। ୨ କେଜି ୬୩୮ଗ୍ରାମ ରୂପା, ଟିଭିଏସ ଆପାଚି ବାଇକ, ୨ଟି ଲୁହାରଡ ଜବତ ସହ ଅଭିଯୁକ୍ତ ବାଲାଗାଁର ଚନ୍ଦନ ନାୟକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ଚନ୍ଦନ ନାମରେ ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଛି। ସୂଚନା ମୁତାବକ ଗତ ଡିସେମ୍ବର ୧୪ ତାରିଖ ରାତିରେ ଅଭିଯୁକ୍ତ ଲୁହାରଡରେ ଦୋକାନ ଗ୍ରିଲ ସଟର ତାଡି ସୁନା ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଥିଲା। ଦୋକାନୀ ମାଲିକ ଦିନେଶ ସାଥୁଆଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୫୩୩/୨୫) ରୁଜୁ କରିଥିଲା। ଥାନାଧିକାରୀ ସଞ୍ଜୟ ନାୟକ ତତ୍ତ୍ୱାବଧାନରେ ଏସଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏଏସଆଇ ଫୁଲମଣି ହେମ୍ବ୍ରମ, ହାବିଲଦାର ଏ.ସାମନ୍ତରାୟ ପ୍ରମୁଖଙ୍କୁ ନେଇ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ।ଅଭିଯୁକ୍ତ ଲୁଟ୍ ପରେ ଚୋରି ସାମଗ୍ରୀ ବିକ୍ରି କରିବାକୁ ଉଦ୍ୟମ କରିଥିଲା ଫଳରେ ବିଫଳରୁ ପରେ ଘର ପଛପଟେ ଲୁଚାଇ ରଖିଥିଲା। ଆଜି ପୂର୍ବାହ୍ନରେ ପୋଲିସ ଟିମ ଅଭିଯୁକ୍ତ ଠିକଣାରେ ଚଢାଉ ବେଳେ ସେ ଘଟଣା ସମ୍ପର୍କରେ ସତ ମାନିଥିଲା। ତା' ଠାରୁ ରୂପା ଅଳଙ୍କାର ଜବତ କରାଯାଇଛି ବୋଲି ଆଦର୍ଶ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ସଞ୍ଜୟ ନାୟକ, ଅତିରିକ୍ତ ଆଇଆଇସି ଭ୍ୟାଗ୍ୟଲକ୍ଷ୍ମୀ ବେହେରା, ତଦନ୍ତ ଅଧିକାରୀ ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ ଗାଡିକୁ ଅଟକାଇ ଯୁବକ ହଟକଟା

ଧର୍ମଶାଳା,୦୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଗଳି ପୋଲ ନିକଟରେ ଯୁବକର ହାଇ ଡ୍ରାମା । ଜେନାପୁର ଥାନା ବୋଲେରୋ ଗାଡି(ଓଡି୦୫ଏପି୨୭୧୪)କୁ ଅଟକାଇ ଯୁବକର ଡାଇଡ୍ରମା । ଫଳରେ କିଛି ସମୟ ପାଇଁ ଜାରକା ବଜାରରେ ଭିଡ ଜମିଥିଲା । ଗଳି ପୋଲରେ ଗାଡିରେ କେହି ପୁଲିସ କର୍ମଚାର ନ ଥିଲେ । ଗାଡି ଚାଳକ ଜଣକ ଦୃତ ଗତିରେ ଯିବା ଫଳରେ ଉକ୍ତ ଯୁବକ ଭୟ ଭିତ ହୋଇ ଗାଡି ଅଟକାଇ ଗାଡିରେ କାଗଜ ପତ୍ର ନଥିବା ସହ ପଛରେ ନମ୍ବର ପ୍ଲେଟ ନ ଥବା ନେଇ ହୋ ହାଲ୍ଲା କରିଥିଲା । ଫଳରେ ଧର୍ମଶାଳା ପୁଲିସ ଉକ୍ତ ଯୁବକକୁ ଥାନା ନେଇ ପଚରା ଉଚୁରା କରୁଥିବା ଜଣାପଡିଛି ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ମାଲକାନଗିରି,୦୯/୧ (ନି.ପ୍ର): ଆଗାମୀ ୭୭ତମ ସାଧାରଣତନ୍ତ୍ର ଦିବସ-୨୦୨୬କୁ ମାଲକାନଗିରି ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ଦ୍ୱାରା ଗତବର୍ଷ ପ୍ରସ୍ତୁତି ବୈଠକର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବୈଠକର ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଉତ୍ସବ ପାଳନ ଉପଲକ୍ଷେ ୨୬ ଜାନୁଆରୀ ପ୍ରଭାତରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ମାଲକାନଗିରି ପୌରପାଳିକା ଅଞ୍ଚଳରେ ରାମଧୂନ ପରିକ୍ରମା କରାଯିବ । ସକାଳ ୭ ଟା ୩୦ରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତୋଳନ କରାଯାଇ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବ । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଦିନ ଓ ସମୟ ଧାର୍ଯ୍ୟ କରାଗଲା । ପ୍ରଭାତଫେରୀ, ପ୍ରତିମୂର୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ଓ ସମ୍ମିଳିତ ପ୍ୟାରେଡ଼, ପ୍ୟାରେଡ୍ ପ୍ରତିଯୋଗିତା, ପ୍ୟାରେଡ଼ ପୂର୍ବାଭ୍ୟାସ ଓ ପ୍ୟାରେଡ଼ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସମ୍ୱନ୍ଧରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନା ଓ ଶିଶୁ ଗୃହ ରେ ରୋଗୀମାନଙ୍କୁ ଫଳ ବଂଟନ ଆଦି କାର୍ଯ୍ୟକ୍ରମ ସମ୍ୱନ୍ଧରେ ମଧ ଆଲୋଚନା କରାଯାଇ ପ୍ରାୟୋଜକ ଓ ପୃଷ୍ଠପୋଷକଭାବେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ମତାମତ ଗ୍ରହଣ କରାଯାଇଥିଲା । ବିଭିନ୍ନ ଅନୁଷ୍ଠାନର କର୍ମକର୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ ।

# ସବ୍ୟସାଚୀ ଦୀନେଶ ମେମୋରିଆଲ ଗିନି କପ ସେମି ଫାଇନାଲରେ ଆଲଫା, ବ୍ରହ୍ମପୁର

ଖୋର୍ଦ୍ଧା,୦୯/୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜିର ମ୍ୟାଚ ରେ ଆଲଫା ବ୍ରହ୍ମପୁର ଖୋର୍ଦ୍ଧାକୁ ୱିକେଟ ରେ ରେ ପରାସ୍ତ କରି ସେମି ଫାଇନାଲ ରେ ପ୍ରବେଶ କରିଛି। ଖୋର୍ଦ୍ଧା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ସମସ୍ତ ୮ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷ ରୁ ଆର୍ଯ୍ୟ ଦେବାଶିଷ ଭଞ୍ଜା ୪୮ ଟି ବଲ ରେ ୨ଟି ଛକା ଏବଂ ୬ ଟି ଚୌକା ସହାୟତା ରେ ସର୍ବାଧିକ ୫୯ ରନ ଓ ରାକେଶ ପଟ୍ଟନାୟକ ୩୧ଟି ବଲ୍ ରେ ୫୦ ରନ୍ ସଂଗ୍ରହ କରିଥିଲେ। ଆଲଫା କ୍ଲବ ପକ୍ଷ ରୁ ଟୁକୁନା ସାହୁ ୩ ଟି ଏବଂ ବି ଶିବା ୨ ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତର ଆଲଫା ବ୍ରହ୍ମପୁର, ଦଳ ୧୯ ଓଭର ରେ ୪ଟି ୱିକେଟ ହରାଇ ଆବଶ୍ୟକ ରନ କରି ଏହି ମ୍ୟାଚ କୁ ୬ୱିକେଟ ରେ ଜିତି ଦ୍ୱିତୀୟ ସେମି ଫାଇନାଲ କୁ ପ୍ରବେଶ କରିଛନ୍ତି। ଦଳ ପକ୍ଷ ରୁ ୱାଲଟାର ଟପ୍ପୋ ସର୍ବାଧିକ ୭୪ରନ୍ ଏବଂ ପ୍ରବୀଣ କୁମାର ଅପରାଜିତ ୩୯ ରନ୍ କରିଥିଲେ। ଅମ୍ରିତା ବିଦ୍ୟାଳୟମ୍ ତରଫରୁ ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ବ୍ରହ୍ମପୁର ଦଳ ର ୱାଲଟାର ଟପ୍ପୋ ଙ୍କୁ ୨ ହଜାର ଟଙ୍କାର ପୁରସ୍କାର ପ୍ରାଣନାଥ ମହାବିଦ୍ୟାଳୟ ର ପ୍ରାକ୍ତନ କ୍ରୀଡା ଅଧ୍ୟାପକ ଚିତରଞ୍ଜନ ବେଉରା ଓ ରାଜୁ ମୋଦି ପ୍ରଦାନ କରିଥିଲେ।ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଂଚ ପରିଚାଳନା କରିଥିଲେ। ଆଜିର ମ୍ୟାଚ୍ ଆମ୍ପ୍ୟାର ଭାବେ ରାକେଶ ମିଶ୍ର ଏବଂ ଏସ କରୁଣାକର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ। ପ୍ରଥମ ସେମି ଫାଇନାଲର ମୁଖ୍ୟ ଅତିଥି ଭାବେ ଅମ୍ରିତା ବିଦ୍ୟାଳୟଂର ଅଧକ୍ଷା ମୌସୁମି ପଟ୍ଟନାୟକ ଉଦଘାଟନ କରିଥିଲେ। ଆସୋସିଏସନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧକ୍ଷ ତନ୍ମୟ ବୋଷ, ସୌର୍ଯ୍ୟ ରଂଜନ ମହାନ୍ତି,ସୁରେଶ ଭୂଷଣ ପଟ୍ଟନାୟକ, ସୁବ୍ରତ ଦାସ, ବିଜୟ କୁମାର ଗୋଛି, ସୁଧାଂଶୁ ଦାସ୍, ଏବଂ ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ସୌମେନ୍ଦ୍ର ଦାସ୍, ଶଶିକାନ୍ତ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଂଟରେ ଆୟୋଜନ ରେ ସହାୟତା କରିଥିଲେ। ୦୯/୦୧/୨୬ ଶୁକ୍ରବାର ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରବିନାରାୟଣ ରାଉତରାୟ ଜଣାଇଥିବା ବେଳେ ଆସନ୍ତା ୧୦/୦୧/୨୬ ଶନିବାର ଦ୍ୱିତୀୟ ସେମି ଫାଇନାଲ ସୋଲାର କଟକ ବନାମ ଆଲଫା ବ୍ରହ୍ମପୁର ମଧ୍ୟରେ ହେବ ବୋଲି ସଭ୍ୟ ରବି ସ୍ୱାଇଁ ଜଣାଇଛନ୍ତି।

# ଜିଲ୍ଲା କୋର୍ଟରେ ବୋମା ଆତଙ୍କ କୋର୍ଟ ପରିସରରେ ବୋମାସ୍କ୍ୱାର୍ଡ ଟିମର ତନାଘନା

ଜୟପୁର,୦୯/୧ (ନି.ପ୍ର): ଓଡିଶାର ତିନି କୋର୍ଟ ସମ୍ବଲପୁର,କଟକ ଓ ଦେବଗଡ ଜିଲ୍ଲା କୋର୍ଟକୁ ବୋମାରେ ଉଡାଇଦେବା ଧମକ ଇମେଲରେ ଆସିବାପରେ ଆଜି ଜୟପୁର ଜିଲ୍ଲା କୋର୍ଟରେ ମଧ ଛନକା ପସିଯାଇଛି। ଦିନ ସାଢେ ଗୋଟାଏ ସମୟରେ ମାଜିଷ୍ଟ୍ରେଟ କୋର୍ଟ ପରିସରରେ ଥିବା ସମସ୍ତ ଓକିଲ, ମହକିଲ ମାନଙ୍କୁ କୋର୍ଟ ପରିସର ଖାଲି କରି ଏକ ଘଂଟା ବାହାରେ ରହିବାକୁ କହି ବୋମାସ୍କ୍ୱାର୍ଡ ଓ ସନ୍ଧାନୀ କୁକୁର ସହ ପୁଲିସ ଯାଂଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ଘଟଣା ପୂର୍ବରୁ କେବେ ଘଟି ନଥିବା ବେଳେ ଏହା ଶୁଣିବା ପରେ ସହରରେ ଚାଂଚଲ୍ୟ ସୃଷ୍ଟି କରିଦେଇଛି । ଅପରାହ୍ନରେ ପୁଲିସ ଓ ଅନୁସନ୍ଧାନୀକାରି ଦଳ, ବମ ସ୍କ୍ୱାଡ ଟିମ କୋର୍ଟରେ ତଦନ୍ତ କରିବା ସମୟରେ କିଛି ସନ୍ଦେହଜନକ ମିଳିଲା ନାହିଁ। ବାର ଆସୋସିଏସନର ଓକିଲ ନାନାଜୀ ଆଚାରୀ, ରମେଶ ପାତ୍ରଙ୍କ କହିବାନୁଯାୟୀ ଆଜି ଏହି ଗୁଜବକୁ ନେଇ ବିଚାରପତି ପୁଲିସ ଓ ବୋମ ସ୍କ୍ୱାର୍ଡକୁ ଡାକି ଯାଂଚ କଲେ ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ।

# ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୦୯/୧ (ନି.ପ୍ର): ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ଦତ, ବିଷୟ ବିଶେଷଜ୍ଞ ଡ. କୈଳାସ ଚନ୍ଦ୍ର ପାଣି ଏବଂ ପରିସଂଖ୍ୟାନ ଅଧିକାରୀ ରାମଚନ୍ଦ୍ର ମିଶ୍ର ଗତ. ୦୬/୦୧/୨୦୨୬ ରେ ଘସିପୁରା ବ୍ଲକର ଅଳତି ଗ୍ରା.ପ. ଅନ୍ତର୍ଭୁକ୍ତ ପଦନପୁର ଗ୍ରାମ ଓ ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରା.ପ. ର ସିଆପଦା ଗ୍ରାମକୁ ୭ମ କ୍ଷୁଦ୍ର ଜଳସେଚନ ଗଣନା ଓ ୨ୟ ଜଳାଶୟ ଗଣନା ର କ୍ଷେତ୍ର ତଦାରଖ କରିଛନ୍ତି। ଏହି ସର୍ଭେ କାର୍ଯ୍ୟ ପଦନପୁରରେ ଗଣନାକାରୀ ତଥା ଲୋକାଲୟୁଥ ଶ୍ରଦ୍ଧାଞ୍ଜଳୀ ନାୟକ ଓ ସିଆପଦା ଗ୍ରାମରେ ନୀଳିମାମୟୀ ରାଉତଙ୍କ ଦ୍ୱାରା କରାଯାଇଥିଲା। ତଦାରଖ ସମୟରେ କେନ୍ଦୁଝର ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ଓ ପରିସଂଖ୍ୟାନ ଅଧିକାରୀ ଅନୁପମା ପାତ୍ର ଉପସ୍ଥିତ ଥିଲେ। ଶ୍ରୀ ଦତ ଓ ଡ଼.ପାଣି ରାଷ୍ଟ୍ର ଗଠନରେ ଜଳସେଚନ ଗଣନାର ଗୁରୁତ୍ୱ, ଯୋଜନା ତିଆରିରେ ଏହାର ଭୂମିକା ଓ ତଥ୍ୟ ସଂଗ୍ରହର ଆବଶ୍ୟକତା ବିଷୟରେ ଗ୍ରାମବାସୀ, ଲୋକାଲୟୁଥ୍ ଓ ପରିସଂଖ୍ୟାନ କ୍ଷେତ୍ର କର୍ମଚାରୀଙ୍କୁ ତଥ୍ୟ ସଂଗ୍ରହ କରିବାର ପ୍ରଣାଳୀ ଓ ପଦ୍ଧତି ପୁଂଖାନୁପୁଂଖ ଭାବେ ବର୍ଣ୍ଣନା କରିଥିଲେ। ପରେ ଘଟଗାଁ ଅବସ୍ଥିତ ବଜାରରେ ମୂଲ୍ୟ ନିର୍ଧାରଣ ଯୋଜନା ସମ୍ୱନ୍ଧୀୟ ତଥ୍ୟ ତର୍ଜମା କରିଥିଲେ।

# ଗଣ୍ଡାବାହାଲି ଗ୍ରାମରେ ୨୪ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ

ନୂଆପଡ଼ା,୦୯/୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ଗ୍ରାମ ଠାରେ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆଜି ଅନୁଷ୍ଠିତ ହେଉଅଛି । ସମାଜ ସଂସ୍କାର,ନାରୀ ସଶକ୍ତିକରଣ, ମାତୃଶକ୍ତିର ବିକାଶ, ନିଶା ନିବାରଣ, ଶିକ୍ଷିତ ସମାଜ ଗଠନ ଉଦ୍ଦେଶ୍ୟରେ ଚାରି ଦିନ ଧରି ଯଜ୍ଞର ଆୟୋଜନ ହୋଇଅଛି। ଏଥିରେ ଶାନ୍ତି କୁଞ୍ଜ ହରିଦ୍ୱାରରୁ ଟୋଳି ନାୟକ, ଋଷି ପୁତ୍ର ସଂଦିପ ପାଣ୍ଡେ ଓ ବନୱାରୀ ଲାଲ ଜୀ ଯୋଗ ଦେଇଛନ୍ତି। ସର୍ବପ୍ରଥମେ ଦେବ ଶକ୍ତିଙ୍କ ଆବାହନ ହେବା ପରେ ଆଳତୀ କାର୍ଯ୍ୟ ହୋଇଥିଲା ଏବଂ ପ୍ରତ୍ୟେକ ଦିନ ୨୪ ଟି କୁଣ୍ଡରେ ଯଜମାନ ଉପସ୍ଥିତ ରହି ସାର୍ବଜନୀନ କଲ୍ୟାଣ ପାଇଁ ଆହୁତି ଦେବା ସହ ଗୁରୁଦେବଙ୍କ ପୂଜନ କରୁଛନ୍ତି। ଏହି ପରି ତିନି ଦିନ ଧରି ପ୍ରତ୍ୟେକ କୁଣ୍ଡରେ ନୂତନ ଯଜମାନ ଯୋଇଦେଇ ପୂଜନ କରିବାର ବ୍ୟବସ୍ଥା ରହିଛି। ସଂଧ୍ୟା ସମୟରେ ଦୀପ ଯଜ୍ଞ ଓ ବରିଷ୍ଠ ପ୍ରବଚକ ମାନଙ୍କ ଦ୍ୱାରା ପ୍ରବଚନ ଓ ଭଜନ ପରିବେଷଣ ହେଉଅଛି। ଯଜ୍ଞ କମିଟି ପକ୍ଷରୁ ପ୍ରତ୍ୟେକ ଦିନ ୩୦୦ରୁ ଅଧିକ ବିଭିନ୍ନ ନିଃଶୁଳ୍କ ସଂସ୍କାର ବିବାହ, ଦିକ୍ଷା, ମୁଣ୍ଡନ, ପୁସଂବନ, ବ୍ରତପୋନୟନ, କୁମାରୀ ବ୍ରତ, ଗର୍ଭ ସଂସ୍କାର ଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।


**e-Procurement Notice for Road & Building Works Identification No. 15/ SERW/JLS/2025-26** 2016-O

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Road & Buildings |
| 3. Total No. of Works | :- | 13 Nos |
| 4. Estimated Cost | :- | Approx. Estimated Cost ₹.5.51 Lakh to ₹.38.14 Lakh |
| 5. Class of Contractor | :- | D & C and C & B Class |
| 6. Time of Completion | :- | Two Calender months ( As per annexure ) |
| 7. Availability of tender On-line for bidding | :- | From 13.01.2026 at 11.00 P.M. to 21.01.2026 upto 05.00 P.M. |
| 8. Last date & time of seeking tender clarification | :- | 20.01.2026 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -22.01.2026 11.00 A.M. |

Further details can be seen from the web site- *www.tendersodisha.gov.in*

Superintending Engineer
R.W.Division, Jaleswar
[illegible]



**WORKS DEPARTMENT**
**OFFICE OF THE SUPERINTENDING ENGINEER**
**MAYURBHANJ (R & B) DIVISION, BARIPADA**
e-mail - bpd_eerb@rediffmail.com
Government of Odisha "e" Procurement Notice
**Bid Identification No. -S.E.-73/2025-26**

943-B

1. Number of works - Road, Building and elctric works
2. Approximate estimated cost: - 2.26 lakh to 21.60 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 13.01.2026 to 27.01.2026
5. Last Date / Time of receipt of bid in the portal :- Dt. 27.01.2026 up to 5.00 PM
6. Date of Opening of bid:- Dt. 28.01.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

# ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

## ଆଧୁନିକ ଶିକ୍ଷା କ୍ଷେତ୍ରରେ ଏହା ଏକ ମାଇଲଖୁଂଟ




ବସ୍ତା, ୯/୧ (ନି.ପ୍ର): ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଏକ ଗୌରବମୟ ଅଧ୍ୟାୟ ହେଉଛି ଅଗ୍ରୱାଲା ବିଦ୍ୟାପୀଠ। ଚଳିତ ବର୍ଷ ତାର ୬୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ସମାରୋହ ହଳଦୀପଦା ସ୍ଥିତ ଅଗ୍ରୱାଲ ବିଦ୍ୟାପୀଠ ପରିସରରେ ଆଜି ଉଦଘାଟିତ ହୋଇଯାଇଛି। ଏହି ବିଦ୍ୟାଳୟ ଗତ ଦଶକ ଧରି ଗୁଣାତ୍ମକ ଶିକ୍ଷା ସହିତ ନିତି,ଶିଷ୍ଟାଚାର ଓ ସାଂସ୍କୃତିକ ମୂଲ୍ୟବୋଧ ଉନ୍ନୟନରେ ସେବା ଦେଇ ଆସୁଛି । ଏହାକୁ ପାଥେୟ କରି ଆଜି ଠାରୁ ତିନିଦିନିଆ ହୀରକ ଜୟନ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଜି ପ୍ରଥମ ଦିନରେ ଅନୁଷ୍ଠିତ ହୋଇଥିବା ଉଦଘାଟନୀ ଉତ୍ସବରେ ହରୀକ ଜୟନ୍ତୀର ସଭାପତି ଉପେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ ଯୋଗଦେଇ ଅଗ୍ରୱାଲା ବିଦ୍ୟାପୀଠର ହରୀକ ଜୟନ୍ତୀ ହେଉଛି ଭାଇଚାରାର ଏକ ନିବିଡ଼ ସମ୍ବନ୍ଧ । ପୂର୍ବତନ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ଯେଉଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ତାହା ବାସ୍ତବିକ ସ୍ୱାଗତଯୋଗ୍ୟ ବୋଲି କହିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁ ଭାବେ ଗଢି ତୋଳିବା ଦାୟିତ୍ୱ ଶିକ୍ଷକମାନଙ୍କର ବୋଲି କହିଥିଲେ । ସାରସ୍ୱତ ବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ ତଥା କବି ପ୍ରଶାନ୍ତ ଦାସ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଆଧୁନିକ ଶିକ୍ଷା କ୍ଷେତ୍ରରେ ଅଗ୍ରୱାଲା ବିଦ୍ୟାପୀଠ ଏକ ମାଇଲ ଖୁଂଟ ଭାବେ ପ୍ରତିପାଦିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରାଧାପକ ଡ ଲିଙ୍ଗରାଜ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୈଳବାଳା ମହାବିଦ୍ୟାଳୟର ଅଧ୍ୟାପିକା ଆରାଧନା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ ପ୍ରଦୀପ କୁମାର ମିଶ୍ର ଓ ରାଜ୍ୟ ଶିଶୁ ସୁରକ୍ଷା ଅୟୋଗର ସଦସ୍ୟା ସୁଜାତା ନାୟକ ମଂଚ ପରିଚାଳନା କରିଥିଲେ । ଶେଷରେ ହୀରକ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ କ୍ଷୀତିଶ କୁମାର ଜେନା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଡ କୁମାର ଚନ୍ଦ୍ର ମିଶ୍ର,ସମାଜସେବୀ ଦିଲ୍ଲୀପ କୁମାର ସାହୁ,ତାପସ କୁମାର ନନ୍ଦ,ଅକ୍ଷୟ କୁମାର ତ୍ରୀପାଠୀଙ୍କ ସମେତ ରକ୍ତଦାନ ଶିବିରର ୧୫ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ରକ୍ତଦାନ ଶିବିରରେ ବ୍ଲଡ଼ ବ୍ୟାଙ୍କ ଅଫିସର ଡା ବସନ୍ତ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ମୋଟ ୭୯ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଦ୍ୱିତୀୟ ଅଧିବେସନ ଉପେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଏସପି ମାନସ ଦେଓ, ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ ଶିରିଶଚନ୍ଦ୍ର ଜେନା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ପଣ୍ଡା,ସମାଜସେବୀ ତଥା ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ସୁଜାତା ନାୟକ ମଂଚ ଆହ୍ୱାନ କରିଥିବା ବେଳେ ବରେନ୍ଦ୍ର କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଦ୍ୱିତୀୟ ଅଧିବେସନରେ ଗୁରୁପ୍ରସାଦ ଦାସ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗିତ ପରିବେଷଣ ହୋଇଥିଲା । ଶେଷରେ କନ୍ୟା କୁମାରୀ ନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଗୁରୁପୂଜନ ସହ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ହରୀକ ଜୟନ୍ତୀ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ ।

# ସାଗରିକା ଶିକ୍ଷା ନିକେତନର ରୌପ୍ୟ ଜୟନ୍ତୀ ସମାରୋହ

ବସ୍ତା , ୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତର ହାକଣ୍ଡ ପୋଖରୀ ସ୍ଥିତ 'ସାଗାରିକା ଶିକ୍ଷା ନିକେତନ'ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ବାହାବଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୟା ପ୍ରସାଦ ଦାସଙ୍କ ପୌରହିତ୍ୟ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷା ବିଷୟରେ ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦୂରଦର୍ଶନ ଗୀତିକାର ଡ:ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ,ବିଧାୟକ ସ୍ୱରୂପ କୁମାର ଦାସ, ସମ୍ମାନୀତ ବକ୍ତା ଭାବେ ଶିକ୍ଷୟତ୍ରି ତଥା ନାଟ୍ୟକାର ପ୍ରଣତୀ ମହାପାତ୍ର ପ୍ରମୁଖ ଯୋଗଦେଇ ଅଞ୍ଚଳ ବାସୀଙ୍କ ପ୍ରଚେଷ୍ଟାରେ ଶାଗରିକା ଶିକ୍ଷା ନିକେତନ ତାର କଳେବର ବିସ୍ତାର କରିଛି । ଯାଫଳରେ ଆଜି ଏ ଅଞ୍ଚଳରେ ଶିକ୍ଷାର ବିକାଶ ହୋଇପାରିଛି ଏବଂ ଆଜି ତାର ରୌପ୍ୟ ଜୟନ୍ତୀ ପାଳନ କରୁଛି ।କହିବା ସହିତ ବଦାନ୍ୟ ବ୍ୟକ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ଓ ଅଞ୍ଚଳ ବାସୀଙ୍କୁ ଅତିଥି ଗଣ ଭୂରି ଭୂରି ପ୍ରଶଂସା କରିବା ସହ ଗୁଣାତ୍ମକ ଶିକ୍ଷା ଉପରେ ନିଜ ନିଜ ମତବ୍ୟକ୍ତ କରିଥିଲେ ।ଏହି ନେଇ ଏକ ପୁରସ୍କାର ବିତରଣ ଉତ୍ସବରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତି ଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୧୦୦ ଜଣ ଛାତ୍ର/ଛାତ୍ରୀ,ପୁରାତନ ଛାତ୍ର/ଛାତ୍ରୀ,ଶିକ୍ଷକ/ଶିକ୍ଷୟତ୍ରୀ ୫୦ ଜଣଙ୍କୁ,ବିଦ୍ୟାଳୟକୁ ସହଯୋଗ କରିଥିବା ୨୮ ଜଣଙ୍କୁ,+୨ ଏହି ବିଦ୍ୟାଳୟର ଟପର ତନ୍ମୟ ପରିଡାଙ୍କୁ ଉପଢୌକନ, ଫୁଲତୋଡ଼ା ଓ ମେମୋଟମ ଦେଇ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ସମ୍ବର୍ଦ୍ଧିତ କରି ଥିଲେ। ଶେଷରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଶିଷ୍ଟ ଅତିଥି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ,ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ମାନସ କୁମାର ମାଇତି ମଞ୍ଚ ପରିଚାଳନା କରିବା ସହ ବଙ୍ଗୋପସାଗରରୁ ସାଗରିକ(ସମର ଶୀଳା) ପଠନ କରିଥିବା ବେଳେ ବିଜୟ ନନ୍ଦ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଶମ୍ଭୁନାଥ ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏହି ପରିପେକ୍ଷିରେ ଅତିଥି ମାନଙ୍କ ଦ୍ୱାରା ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଏବଂ ପୁରାତନ ଛାତ୍ର,ଛାତ୍ରୀ ଓ ଅଭିବାବକ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସୂଚାରୁ ରୂପେ ପରିଚାଳନା କରିଥିଲେ।

# ଉପସ୍ଥିତ ବୁଦ୍ଧିମତା ଜ୍ଞାନ ପରୀକ୍ଷା

ବାଲିଆପାଳ, ୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଉପସ୍ଥିତ ବୁଦ୍ଧିମତା ଜ୍ଞାନ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସିନିୟର୍ ଏବଂ ଜୁନିଅର ଦୁଇ ବିଭାଗରେ ପ୍ରଥମେ ଲିଖିତ ଏବଂ ପରେ ମୌଖିକ ପରୀକ୍ଷା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷାବିତ ଭଗିରଥ ଗିରି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ବିକାଶ ପାଇଁ ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଏହି ଭଳି ବୁଦ୍ଧିମତା ଜ୍ଞାନ ପରୀକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୁମ୍ଭାରୀ ସହକାରୀ ଶିକ୍ଷକ ସୁଶାନ୍ତ ଗିରି, ପରିଚାଳନା କମିଟିର ସଭାପତି ଧନଞ୍ଜୟ ମହାନ୍ତି ଯୋଗଦେଇ ଥିଲେ। କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବୃନ୍ଦାବତୀ ସୁର,ସୁରେଶ୍ନା ଜେନା, ତୁଳସୀ ମୁର୍ମୁ ଏହି ଜ୍ଞାନ ପରୀକ୍ଷାରେ ପରିଚାଳକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ସହକାରୀ ଶିକ୍ଷକ ପରମାନନ୍ଦ ଦେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଫୋଟୋ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଉଛି।

# ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ୨ୟ ସନ୍ଧ୍ୟାରେ ଦେଶର କଳା ଓ ସଂସ୍କୃତି ପ୍ରଦର୍ଶିତ



ପାରାଦୀପ, ୯/୧ (ନି.ପ୍ର): ପାରାଦୀପର ଜୟଦେବ ସଦନ ଠାରେ ଆୟୋଜିତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଆଜି ଥିଲା ୨ୟ ସନ୍ଧ୍ୟା । ୨ୟ ସନ୍ଧ୍ୟାରେ ଦିନଦୟାଲ, ଜବାହରଲାଲ ନେହେରୁ, ଚେନ୍ନାଇ ବନ୍ଦରର କଳାକାର ମାନେ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଆଦି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ଯେଉଁଥିରେ କଳାକାରମାନେ ସେମାନଙ୍କ ରାଜ୍ୟର ସଂସ୍କୃତିର ଝଲକ ପ୍ରଦର୍ଶିତ କରିଥିଲେ । ଆଜିର କାର୍ଯ୍ୟକ୍ରମ ଗୁଡ଼ିକୁ ଦେଖିଲା ପରେ ବାରି ହେଉଥିଲା କି ଆମ ଦେଶର କଳା ଓ ସଂସ୍କୃତି କେତେ ଉଚ୍ଚକୋଟୀର। ଭାଷା ଓ ସଂସ୍କୃତିର ବିଭିନ୍ନତା ଥାଇ ମଧ୍ୟ ଆମେ ସମସ୍ତେ ଏକ ଓ ଆମେ ସମସ୍ତେ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ଜଣେ ଜଣେ ସାରଥୀ । ବିଶେଷ କରି ବୁଡି ଯାଉଥିବା ଲୋକ କଳା ଓ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମ ଗୁଡ଼ିକ ବେଶୀ ଆଦୃତ ହୋଇଥିଲା । କଳାକାର ମାନେ ସେମାନଙ୍କର ଅଭିନୟକୁ ନିଖାରିବାରେ ବ୍ୟସ୍ତ ଥିଲେ ଓ ଏହି ପ୍ରତିଯୋଗିତାରେ କେହି କାହାକୁ ଛାଡ଼ି ଦେବା ପାଇଁ ସତେ ଯେପରି ପ୍ରସ୍ତୁତ ନାହାନ୍ତି ଯାହା କାର୍ଯ୍ୟକ୍ରମରେ ବାରି ହୋଇ ପଡୁଥିଲା । କଳାକାର ମାନଙ୍କର ନିଖୁଣ ଅଭିନୟ କେବଳ ଦର୍ଶକ ମାନଙ୍କର କରତାଳିକୁ ଆକର୍ଷିତ କରିନଥିଲା ତା ସଙ୍ଗେ ସଙ୍ଗେ ଶୀତୁଆ ରାତିରେ ଦର୍ଶକ ମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରେଖ୍ୟାଳୟରେ ବାନ୍ଧି ରଖିଥିଲା ।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ




ବାସୁଦେବପୁର, ୯/୧ (ନି.ପ୍ର): ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଓଡ଼ିଶାର ବିଶିଷ୍ଟ ସମାଜ ସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ଙ୍କ ଜନ୍ମ ଦିନ ଅବସରରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏଥି ସହିତ ଦୁଃଖୀ ଗରିବ ଓ ଅସହାୟ ଲୋକ ମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଇଛି। ଏହା ଥିଲା ସବୁଠୁ ନିଆରା କାର୍ଯ୍ୟକ୍ରମ। ବର୍ଷକ ବାର ମାସ ମଧ୍ୟରେ ଏହି ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦୁଃଖୀ ଗରିବ ଲୋକଙ୍କୁ ଖାଦ୍ୟ ବସ୍ତ୍ର ଓ ବାସଗୃହ ଯୋଗାଇ ଦିଆ ଚାଲିଛି। ଏଥି ପାଇଁ ଏହି ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ଙ୍କୁ ସମସ୍ତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଫାଉଣ୍ଡେସନ ରେ ଅନେକ ସଦସ୍ୟ ସେବା କରିବା ପାଇଁ ରହିଛନ୍ତି। ଆମ ସମାଜରେ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଏହି ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ କରାଯାଇଛି। ପରିବେଶ ସଫା ସୁତୁରା ରଖିବା ସହିତ ବିଭିନ୍ନ କ୍ଷେତ୍ରରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ନାୟୀକାଣୀଡିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନର ନୂତନ କାର୍ଯ୍ୟାଳୟ ଖୋଲା ଯାଇଛି। ଯଦି କୌଣସି ବ୍ୟକ୍ତି ଦୁଃଖ ଓ ବିପଦରେ ପଡ଼ନ୍ତି ତେବେ ଏହି ରମାକାନ୍ତ ସେବା ଫାଉଣ୍ଡେସନ ଜରିଆରେ ସେମାନେ ସାହାଯ୍ୟ ସହଯୋଗ ପାଇ ପାରିବେ ବୋଲି ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ମତ ପ୍ରକାଶ କରିଥିଲେ।

# ନୀଳଗିରି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ

ନୀଳଗିରି, ୯/୧ (ନି.ପ୍ର): ନୀଳଗିରି ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ନିମନ୍ତେ ଏକ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିର ଚଳିତ ମାସ ୮ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ଶିବିରରେ ଛାତ୍ରୀମାନେ କିପରି ନିଜକୁ ସୁରକ୍ଷା ଦେଇପାରିବେ ସେନେଇ ସେମାନଙ୍କୁ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଅଧ୍ୟକ୍ଷତାରେ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଅର୍ଥନୀତିବିଭାଗର ବରିଷ୍ଠ ଅଧ୍ୟାପକ ଶଙ୍କର୍ଷଣ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତବିଭାଗର ଅଧ୍ୟାପକ ଅଶୋକ କୁମାର ମାଝୀ ଯୋଗଦେଇ ଛାତ୍ରୀ ମାନଙ୍କର ଉତ୍ସାହ ବଢାଇଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଜେନା ଓ ଇତିହାସବିଭାଗର ଲକ୍ଷ୍ମୀପ୍ରିୟା ସିଂ ମଞ୍ଚ ପରିଚାଳନା କରିଥିବାବେଳେ ରାଜନୀତି ବିଜ୍ଞାନର ଅଧ୍ୟାପିକା ସୀମାରାଣୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ରଶ୍ମିରେଖା ବାରିକ ଓ କ୍ଷଣପ୍ରଭା ସ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜଣାପଡ଼ିଲା ଭାରତ...

ସହ କଥା ହେବାକୁ ମନା କରିବାରୁ ଏହି ଡିଲ ଫେଲ ମାରିଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଡିଲ ପାଇଁ ସବୁ କିଛି ପ୍ରସ୍ତୁତି ଶେଷ ହୋଇଥିଲା। କେବଳ ଚୂଡ଼ାନ୍ତ ନିଷ୍ପତ୍ତି ବାକି ରହିଥିଲା। ଏପରି ସ୍ଥିତିରେ ମୋଦି ରାଷ୍ଟ୍ରପତି ଟ୍ରମ୍ପଙ୍କୁ କଲ କରିବାର ଆବଶ୍ୟକତା ଥିଲା। ସେ କଲ କରିବା ମାତ୍ରେ ଡିଲ ଚୂଡ଼ାନ୍ତ ହୋଇଥାଆନ୍ତା। ହେଲେ ମୋଦି ବ୍ୟକ୍ତିଗତ ଭାବେ କଲ ମଧ କରି ନଥିଲେ ବୋଲି ସେ କହିଛନ୍ତି। ଲୁଟନିକ କହିଛନ୍ତି, " ପୂରା ଡିଲ ପୂର୍ବରୁ ହିଁ ପ୍ରସ୍ତୁତ ହୋଇଥିଲା। କିନ୍ତୁ ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ ପୂରା ଡିଲ ତାଙ୍କର(ଟ୍ରମ୍ପ) ଥିଲା। ସେ ହିଁ ଶେଷ ନିଷ୍ପତ୍ତି ନେଇଥାଆନ୍ତି। ଡିଲ ସେ କରନ୍ତି। ବାସ ରାଷ୍ଟ୍ରପତିଙ୍କୁ ମୋଦି ଫୋନ କରିବାର ଥିଲା। ସେ(ମୋଦି) ଏପରି କରିବାକୁ ଅସହଜ ଅନୁଭବ କରିଥିଲେ। ମୋଦି ଫୋନ କରି ନଥିଲେ। ଆମେ ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଭିଏତନାମ ସହ ଡିଲ କରିଛୁ। ସେମାନଙ୍କ ଠାରୁ ବହୁ ପୂର୍ବରୁ ଭାରତ ସହ ବାଣିଜ୍ୟ ଡିଲ ଚୂଡ଼ାନ୍ତ ହେବ ବୋଲି ଆମେ ଆଶା କରିଥିଲୁ।" ପୂର୍ବରୁ ଯେଉଁ ସର୍ତ୍ତ ଆଧାରରେ ଭାରତ ଓ ଆମେରିକା ବାଣିଜ୍ୟ ଡିଲ କରିବାକୁ ରାଜି ହୋଇଥିଲେ, ଏବେ ୱାଶିଂଟନ ସେଥିରୁ ଓହରି ଯାଇଛି। ଆମେରିକା ଆଉ ଡିଲ ସମ୍ପର୍କରେ ଭାବୁ ନଥିବା ମଧ ଲୁଟନିକ ସ୍ପଷ୍ଟ କରିଛନ୍ତି।

### ପରିବହନ ବିଭାଗର ...

ସେପଟେ ଜରିମାନା ପୈଠ କଲେ ହିଁ ହୋଇପାରିବ ପ୍ରଦୂଷଣ ଯାଞ୍ଚ । ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଏହି ନିର୍ଦ୍ଦେଶନାମା ଜାରି କରିବା ପରଠାରୁ ଗାଡି ମାଲିକଙ୍କ ଚିନ୍ତା ବଢିବାରେ ଲାଗିଛି । ଚାଲାଣ ପୈଠ ପାଇଁ ବିଭିନ୍ନ କେନ୍ଦ୍ରରେ ବଢିବାରା ଲାଗିଛି ଭିଡ । ସମସ୍ୟାର ସମାଧାନ ପାଇଁ ପରିବହନ ବିଭାଗ ଇ-ଚାଲାଣର ବ୍ୟବସ୍ଥା ବି କରିଛି । ଆଉ ଏହି ସମୟରେ ସାଇବର ଠକ ବିଛାଇଛନ୍ତି ଠକାମିର ଜାଲ । ଜରିମାନା ପୈଠ କରିବା ପାଇଁ ଚିନ୍ତାରେ ଗାଡି ଚାଳକ। ଜରିମାନା ସଂଗ୍ରହ କେନ୍ଦ୍ର ବାହାରେ ଜମୁଛି ଭିଡ। ଅନଲାଇନରେ ବି ଅନେକ ପୈଠ କରୁଛନ୍ତି। ଏହାର ସୁଯୋଗ ନେଇ ଟଙ୍କା ଲୁଟିବାର ଜାଲ ବିଛାଇଛନ୍ତି ସାଇବର ଠକ । ଆପଣଙ୍କ ମୋବାଇଲକୁ ବି ଆସିଥାଇପାରେ ଏଭଳି ମେସେଜ । ଲିଙ୍କ କ୍ଲିକ କଲେ ଜରିମାନା ପୈଠ କରିହେବ ବୋଲି ମେସେଜ ଘୁରିବୁଲୁଛି । ଯଦି ଆପଣଙ୍କୁ ବି ଏଭଳି ମେସେଜ ଆସୁଛି ତେବେ ହୋଇଯାନ୍ତୁ ସାବଧାନ । କାରଣ ଲିଙ୍କ କ୍ଲିକ କରିବା ମାତ୍ରକେ ଆପଣଙ୍କ ମୋବାଇଲରେ ଇନଷ୍ଟଲ ହୋଇଯିବ ଏପିକେ ଫାଇଲ । ଆଉ ଆପଣଙ୍କ ଅଜାଣତରେ ଆପଣଙ୍କ ମୋବାଇଲର ନିୟନ୍ତ୍ରଣ ରହିଯିବ ସାଇବର ଠକଙ୍କ ହାତରେ । ବାସ କେଇ ମୁହୂର୍ତ୍ତରେ ଆପଣଙ୍କ ବ୍ୟାଙ୍କ ଖାତା ହୋଇପାରେ ସମ୍ପୂର୍ଣ୍ଣ ଖାଲି। ସଡକ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦଙ୍କୁ ବି ଆସିଥିଲା ଏଭଳି ନକଲି ଚାଲାଣ। ସାଇବର ଠକଙ୍କ ଜାଲରେ ପଡିବା ପୂର୍ବରୁ ଏସମ୍ପର୍କରେ ପରିବହନ କମିଶନରଙ୍କୁ ଜଣାଇଛନ୍ତି ସୁବ୍ରତ ନନ୍ଦ । ତେବେ ଏଭଳି ଫେକ ବା ନକଲି ମେସେଜ ଆସିଲେ ଏଥିପ୍ରତି ଗୁରୁତ୍ୱ ନଦେବାକୁ ସଜାଗ କରାଇଛନ୍ତି ସାଇବର ବିଶେଷଜ୍ଞ।

### ନମାମି ଗଙ୍ଗେ ...

ଏହି ୫ଟି ନୂଆ ପ୍ରକଳ୍ପ ଚାଲୁ ହେବା ସହିତ, ନମାମି ଗଙ୍ଗେ କାର୍ଯ୍ୟକ୍ରମ ଅଧୀନରେ ଚାଲୁ ହୋଇଥିବା ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟମାନଙ୍କର ମୋଟ କ୍ଷମତା ବୃଦ୍ଧି ପାଇ ୩,୯୭୬ ଏମଏଲଡି (ମିଲିଅନ୍ ଲିଟର ପ୍ରତିଦିନ)କୁ ପହଞ୍ଚିଛି। ଏହା ସହ, ଚାଲୁ ହୋଇଥିବା ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ସମୁଦାୟ ସଂଖ୍ୟା ବର୍ତ୍ତମାନ ୧୭୩କୁ ପହଞ୍ଚିଛି। ଏହି ପ୍ରକଳ୍ପଗୁଡ଼ିକ ଚାଲୁ ହେବା ଦ୍ୱାରା ବିଭିନ୍ନ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନଦୀ ପୁନରୁଜ୍ଜୀବନ ପ୍ରୟାସକୁ ଗୁରୁତ୍ୱପୂର୍ଣ୍ଣ ସଶକ୍ତି ମିଳିଛି।

### ରାଜ୍ୟପାଳଙ୍କୁ ହତ୍ୟା ଧମକ...

ଯାହା ପରେ ତାଙ୍କ ସୁରକ୍ଷା ତୁରନ୍ତ କଡ଼ାକଡ଼ି କରାଯାଇଥିଲା। ରାଜ୍ୟପାଳଙ୍କୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଉଥିବା ବ୍ୟକ୍ତି। ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ ଧମକପୂର୍ଣ୍ଣ ଇମେଲ୍ ?ରେ ତାଙ୍କ ମୋବାଇଲ୍ ନମ୍ବର ମଧ ସାମିଲ କରିଥିଲେ, ଯାହା ଫଳରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରିଥିଲା ।ଧମକ ପରେ, ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ମିଳିତ ଭାବରେ ରାଜଭବନର ସୁରକ୍ଷା ସମୀକ୍ଷା କରିଥିଲେ ଏବଂ ସତର୍କତା ବୃଦ୍ଧି କରିଥିଲେ। ମାମଲାଟି ବର୍ତ୍ତମାନ ତଦନ୍ତାଧୀନ ଅଛି, ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ପ୍ରତ୍ୟେକ ଦିଗକୁ ଯାଞ୍ଚ କରୁଛନ୍ତି।

# କାଶ୍ମୀର ଉପତ୍ୟକାର ତାଜକିସ୍ତାନରେ ଭୂମିକମ୍ପ ଅନୁଭୂତ

ନୂଆଦିଲ୍ଲୀ,୯/୧ : ମଧ୍ୟ ଏସୀୟ ଦେଶ ତାଜାକିସ୍ତାନରେ ଆଜି ସକାଳେ ରିକ୍ଟର ସ୍କେଲରେ ୫.୩ ତୀବ୍ରତାର ଏକ ମଧ୍ୟମ ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପ କାଶ୍ମୀର ଉପତ୍ୟକା ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ଏପର୍ଯ୍ୟନ୍ତ କୌଣସି ମୃତାହତ କିମ୍ବା କ୍ଷତିର ରିପୋର୍ଟ ମିଳିନାହିଁ ।ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁସାରେ, ଭୂମିକମ୍ପ ଅପରାହ୍ନ ୨:୪୪ ରେ (ଭାରତୀୟ ମାନକ ସମୟ) ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ୩୮.୨୬ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୩.୪୨ ଡିଗ୍ରୀ ପୂର୍ବ ଦ୍ରାଘିମାରେ, ଆଫଗାନିସ୍ତାନର ଫୈଜାବାଦରୁ ପ୍ରାୟ ୨୮୩ କିଲୋମିଟର ପୂର୍ବ-ଉତ୍ତରପୂର୍ବରେ, ତାଜାକିସ୍ତାନରେ ୧୧୦ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା।

# ମହିଳା ସୁପରଭାଇଜରଙ୍କ ବିରୋଧରେ ଅଭିଯୋଗକୁ ସଫେଇ କର୍ମଚାରୀଙ୍କ ନାପସନ୍ଦ

## ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫେରାଦ ହେଲେ ସଫେଇ କର୍ମଚାରୀ



ଜଳେଶ୍ୱର, ୯/୧ (ନି.ପ୍ର): ଏମସିସି ସୁପରଭାଇଜର ଜ୍ୟୋସ୍ନା ରାଣୀ ଜେନା ଡ୍ୟୁଟି ସମୟରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି ବୋଲି ଗତକାଲି କେତେକ ସଫେଇ କର୍ମଚାରୀ ଜଳେଶ୍ୱର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ।ତେବେ ଆଜି ୫୦ ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଜଳେଶ୍ୱର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଙ୍କୁ ପୌରପାଳିକା ଅଫିସରେ ସାକ୍ଷାତ କରିଛନ୍ତି ।ଏହି ସମୟରେ କର୍ମଚାରୀ ମାନେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ମହିଳା ସୁପରଭାଇଜର ଶ୍ରୀମତୀ ଜେନା ଙ୍କୁ କ୍ଲିନ ଚିଟ୍ ପ୍ରଦାନ କରିଛନ୍ତି। ସୁପରଭାଇଜର ଜଣେ ମହିଳା ହୋଇଥିବାରୁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରିବା ପାଇଁ ତାଙ୍କ ବିରୋଧରେ ଏପରି ହୀନ ଉଦ୍ୟମ କରା ଯାଇଛି ବୋଲି ସୁରାଇ ଟୁଡୁ,ନଟ ବୈଠା,ଅଞ୍ଜନ ମୁଖୀ,ଦୀପ୍ତୀକାନ୍ତ ଘଡେଇ, ତ୍ରିଲୋଚନ ଜେନା, ରାଜେଶ ବିନ୍ଧାଣୀ, କମଳାକାନ୍ତ ଭୂୟାଁ, ଦାରା ସିଂ ବିନ୍ଧାଣୀ, ଅମୂଲ୍ୟ ମୁଖୀ, ଗଙ୍ଗାଧର ମୁଖୀ ପ୍ରମୁଖ ସଫେଇ କର୍ମଚାରୀ ସୂଚନା ଦେଇଛନ୍ତି । ଏନେଇ ସୁପରଭାଇଜର ଶ୍ରୀମତୀ ଜେନା ଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ମୁଁ କାହାକୁ କେବେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରେନାହିଁ ।ଏନେଇ ସବୁ ପ୍ରକାରର ତଦନ୍ତ କୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛି।

# ଦିବାକର ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ



ବାସୁଦେବପୁର, ୯/୧ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ସୁଙ୍ଗୁଡା ନୀଳମଣି ମିନି ଷ୍ଟାଡିୟମରେ ଶ୍ରୀ ଗଣେଶ କ୍ଲବ୍ ପକ୍ଷରୁ ଆୟୋଜିତ ଦିବାକର ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇ ଯାଇଛି। ଏହି ଖେଳରେ ବାଲେଶ୍ୱର ୬-୧ ଗୋଲ୍ ରେ ପୁରୀ କୁ ହରାଇ ବିଜୟ ଲାଭ କରିଛି। ଏହି ଉତ୍ସବରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଉଭୟ ଦଳର ଖେଳାଳୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡ଼ାକ୍ତର ଉମାକାନ୍ତ ଖୁଣ୍ଟିଆ, ସମାଜସେବୀ ଭକ୍ତ ରଞ୍ଜନ ପଟ୍ଟନାୟକ, ଯୁବ ବ୍ୟବସାୟୀ ଗୌତମ ସାହୁ, ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ଖେଳକୁ ପ୍ରଶଂସା କରିଥିଲେ। ଶ୍ରୀଗଣେଶ କ୍ଲବର ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ଉଦୟ କୁମାର ଜେନା ଓ ସତ୍ୟଏହି ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ। ସହ ସମ୍ପାଦକ ହୃଷୀକେଶ ସାହୁ ଓ ଶ୍ରୀ ଗଣେଶ କ୍ଲବ୍ ର ବିଭିନ୍ନ ସଦସ୍ୟ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଶନିବାର, ୧୦ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶିକ୍ଷକ ମହାସଂଘ ତରଫରୁ ନବବର୍ଷ ପାଳିତ

ଉଦଳା, ୯/୧ (ନି.ପ୍ର): ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ଚଳିତ ଜାନୁଆରି ୪ ତାରିଖ ରବିବାର ଦିନ ଇଂରାଜୀ ନବବର୍ଷ ବେଶ ଆନନ୍ଦ ଉଲ୍ଲାସ ମଧ୍ୟରେ ଶମିବୃକ୍ଷ ଠାରେ ପାଳିତ ହୋଇ ଯାଇଛି । ମହାସଂଘର ସଭାପତି ବିରେନ୍ଦ୍ର ନାଥ ମଢ଼େଇ ଏହାର ନେତୃତ୍ୱ ନେବା ସହିତ ସଂଘର ଶକ୍ତିକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକ ମାନଙ୍କ ସହିତ ନାଚ ଗୀତରେ ଅଂଶଗ୍ରହଣ କରିଥିଲେ । ପ୍ରାୟ ୨୦୦ରୁ ଅଧିକ ଶିକ୍ଷକ/ଶିକ୍ଷୟିତ୍ରି ଏଥିରେ ଭାଗନେଇଥିବା ବେଳେ ଶାନ୍ତନୁ କୁମାର ନାୟକ, ରବିନ୍ଦ୍ର ସୋରେନ, ବିଦ୍ଧୁଦତ ବିନ୍ଧାଣି, ଅଜୟ ପଣ୍ଡ, ଲାଲମୋହନ ମାର୍ଣ୍ଡି ପ୍ରମୁଖ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ । ଶିକ୍ଷକ/ଶିକ୍ଷୟିତ୍ରି ମାନେ ନିଜ ନିଜର କର୍ମକ୍ଷେତ୍ରରେ ମୁହଁଟେକୁଥିବା ସମସ୍ୟା ଗୁଡ଼ିକୁ କିଭଳି ଢ଼ଙ୍ଗରେ ସମାଧାନ କରୁଛନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏଥିରେ ସଂଘ କିପରି ସହଯୋଗ କରିପାରିବ ସେ ବିଷୟରେ ଖୋଲା ଆଲୋଚନା କରାଯାଇଥିଲା । ଏଥିରେ ହିରଣ୍ୟ କୁମାର ବେହେରା, ରମେଶ ଖଣ୍ଡେଇ, ରଜତ ମହାପାତ୍ର, ପ୍ରଭାତ କୁମାର ଶଙ୍ଖୁଆ, ନରୋତମ ପ୍ରଧାନ, ମୁକ୍ତିକାନ୍ତ ନାୟକ, ଅସୀମା ଅରୁନ୍ଧତି, ପଦ୍ମଗନ୍ଧା ଦାସବାବୁ, ଆଦ୍ୟାଶା ଦାସ, ଲିପିକା ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



# ବଣଭୁଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ




ନୀଳଗିରି, ୯/୧ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ବଣଭୁଇଁ ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟର ବାର୍ଷିକଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୀଳଗିରିର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଉଦ୍‌ଘାଟନ କରିଥିଲେ। ପିଲାମାନେ ପାଠପଢ଼ା ସହ କ୍ରୀଡ଼ା ଏବଂ ସଂସ୍କୃତି କ୍ଷେତ୍ରରେ ମଧ ନିଜକୁ ପ୍ରତିଷ୍ଠିତକରିବା ଆବଶ୍ୟକ ବୋଲି ମାନ୍ୟବର ବିଧାୟକ ଉଦବୋଧନ ଦେଇଥିଲେ। ବିଶେଷକରି ଅନୁସୂଚିତ ଜନଜାତି ଓ ଜାତି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ସୁବିଧା ସୁଯୋଗର ସଠିକ୍ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ବିଧାୟକଙ୍କ କରକମଳରେ ପୁରସ୍କୃତ କରାଯାଇଥିଲା। ଏହି ବାର୍ଷିକଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଧୁସ୍ମିତା ପରିଡା, ବ୍ଲକ୍ ମଙ୍ଗଳସମ୍ପ୍ରସାରଣ ଅଧିକାରୀ ଶୈଳନ୍ଦ୍ର ଶତପଥୀ, ନୀଳଗିରି ମହିଳା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ଼ଃ ପ୍ରଦୀପ୍ତ ମିଶ୍ର, ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ,ଶିକ୍ଷକ ବେଣୁଧର ମହାରଣାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ /ଶିକ୍ଷୟତ୍ରୀ ଏବଂ ବହୁସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ।

## ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର, ୯/୧ (ନି.ପ୍ର): ଓଡ଼ିଶାର ବାଉଁଶ କ୍ଷେତ୍ରକୁ ରାଜ୍ୟର ସବୁଜ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନଠାରେ ଜାନୁଆରୀ ୯ ତାରିଖରେ 'ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ୱାନ ଫ୍ୟୁଚର ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମୀଣ ସମୃଦ୍ଧି ଓ ଏକ ନବୀକରଣ ଯୋଗ୍ୟ ସମ୍ପଦ ଭାବେ ବାଉଁଶର ବ୍ୟାପକ ସମ୍ଭାବନା ଉପରେ ଏଠାରେ ଆଲୋଚନା କରାଯାଇଥିଲା।

# ମିଳିତ ନିଶାନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର, ୯/୧ (ନି.ପ୍ର): ମିଳିତ ନିଶାନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଶୁକ୍ରବାର ଦିନ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ ଅଫିସ୍ ଗୃହରେ ହୋଇଯାଇଅଛି। ସଭାପତି ସମସ୍ତଙ୍କୁ ସ୍ୱାଗତ କରିବା ପରେ ସାଧାରଣ ସଂପାଦିକା ମମତା ମହାପାତ୍ର ଗତମାସର ବିବରଣୀ ପାଠ କରିଥିଲେ। ତାଙ୍କର ସୂଚନା କ୍ରମେ ଏହି ସଭାରେ କିଛିଦିନ ପୂର୍ବରୁ ମଦ୍ୟପାନଜନିତ ମୃତ୍ୟୁ ଯୋଗୁଁ ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମ ପୁରୁଷଶୂନ୍ୟ ହୋଇଯିବା ସମ୍ବାଦ ପ୍ରକାଶିତ ହେବା ପରେ 'ମନା' ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହି ଗ୍ରାମରେ 'ମନା' ପକ୍ଷରୁ ଏକ ସଚେତନତା ଶିବିର ଆୟୋଜନ ସହ ଘଟଣା ବିଷୟରେ ସବିଶେଷ ବିବରଣୀ ଗ୍ରହଣ କରିବା ପାଇଁ ସିଦ୍ଧାନ୍ତ ନିଆଗଲା। ଏହାବ୍ୟତୀତ ବାଲେଶ୍ୱର ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ 'ମନା' ଅନ୍ୟ ସଂଗଠନମାନଙ୍କ ସହ ସହଯୋଗ କରିବ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଗଲା। ଏହି ସଭାରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ପ୍ରଭାକର ସାହୁ (ଖ), ଭାରତୀ ପଣ୍ଡା, କଲ୍ୟାଣୀ ନନ୍ଦ, ବେଣୁଧର ସାହୁ, ରବିନାରାୟଣ ଭୋଳ, ଭାସ୍କର ଚନ୍ଦ୍ର ମିଶ୍ର, ସଚୀନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, ଦୟାନିଧି ମହାପାତ୍ର, ପ୍ରସନ୍ନ କୁମାର ପାଢ଼ୀ, ଡ. ଲକ୍ଷ୍ମଣ ଚନ୍ଦ୍ର ବିଶ୍ୱାଳ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବାଲେଶ୍ୱର ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ସାମ୍ବାଦିକ ଶୁଭଙ୍କର ପିରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା



ବାଲେଶ୍ୱର , ୯/୧ (ନି.ପ୍ର): ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ସାମ୍ବାଦିକ ଦିବଂଗତ ସାମ୍ବାଦିକ କମିଟି ସାମ୍ବାଦିକ ଶୁଭଙ୍କର ପିରିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ୮ ତାରିଖ ପାଳିତ ହୋଇଯାଇଛି। ଲୋକ ସମ୍ପର୍କ ଅଧିକାରୀ ବୃନ୍ଦନ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ସ୍ମୃତି ସଭା ରେ ଦେବବ୍ରତ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରେସ ଇନ୍ସ୍ଟେସ ର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର, ସମ୍ପାଦକ ଗଗନ ଚନ୍ଦ୍ର ସେଠୀ, ଉପସଭାପତି ସନ୍ଦିପ୍ତ କୁମାର ଦାସ, ସମାଜ ସେବୀ ଗୌରାଙ୍ଗ ପାଣିଗ୍ରାହି , ସାମ୍ବାଦିକ ବାସୁଦେବ ରାହୁଳ ମଞ୍ଚରେ ଉପସ୍ଥିତ ଥିଲେ। ଉପସଭାପତି ସନ୍ଦିପ୍ତ ଦାସ ଅତିଥି ପରିଚୟ ଓ ଦିବଂଗତ କମିଟିର କାର୍ଯ୍ୟାବଳୀ ବିଷୟରେ ବର୍ଣ୍ଣନା କରିଥିଲେ। ଶୁଭଙ୍କର ପୀରୀଙ୍କ ଆମର ଆତ୍ମା ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜସେବୀ ଗୌରାଙ୍ଗ ପାଣିଗ୍ରାହି, ମାଳତୀ କିସ୍କୁ ୨ ଜଣ ଙ୍କୁ ଉତ୍ତରୀ ଓ ମାନପତ୍ର , ଫୁଲ ତୋଡା ଦେଇ ମୁଖ୍ୟ ଅତିଥି ଦ୍ୱାରା ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଶୁଭଙ୍କର ପୀରିଙ୍କ ଆତ୍ମା ସତ୍ ଗତି ହେଉ ସେ ଜଣେ ଭଲ ଆଦର୍ଶ ପିଲା ଥିଲା । ସାମ୍ବାଦିକ କ୍ଷେତ୍ରରେ ମଧ୍ୟରେ ତାର ପିତାଙ୍କ ସହକାର୍ଯ୍ୟ କରିବା ପାଇଁ ସାହାଯ୍ୟ କରୁଥିଲେ ବୋଲି କହିଥିଲେ। ଅନ୍ୟ ଅତିଥି ମାନେ ଶୁଭଙ୍କର ପିରି ଙ୍କ ଆମର ଆତ୍ମା ର ସତ୍ ଗତି ହେଉ ବୋଲି କହିଥିଲେ। ଭଗବାନ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଦାସ, ପୁରୁଷୋତ୍ତମ ସେଠୀ, ଗୋପୀ କ୍ରିଷ୍ଣା ମହାନ୍ତି, ଶରତ କୁମାର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କ୍ଷତିପୂରଣ ଦାବିରେ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଲେ ଗ୍ରାମବାସୀ

## କ୍ଷତିପୂରଣ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର



ବାଲିଆପାଳ , ୯/୧ (ନି.ପ୍ର): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ ଗ୍ରାମବାସୀ। ସୂଚନା ଥାଉ କି ଜାମକୁଣ୍ଡା ପଞ୍ଚାୟତର କେନ୍ଦୁବାଡିଆ ଗ୍ରାମରେ ସନାତନ ଧଳଙ୍କ ୧୧ବର୍ଷର ପୁଅ ପ୍ରହ୍ଲାଦ ମଧ୍ୟାହ୍ନଭୋଜନ ଖାଇ ସାରି ସହପାଠୀଙ୍କ ସହିତ ଖେଳୁଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ତିନି ବର୍ଷ ତଳର ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପର ଏକ ଫଳକ ଭାଙ୍ଗି ଯିବାରୁ ତାଙ୍କ ଛାତିରେ ଜୋରରେ ଆଘାତ ହୋଇଥିଲା ଏବଂ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗ୍ରାମବାସୀ ଏବଂ ଛାତ୍ର ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଜି ବିଦ୍ୟାଳୟ ଗେଟରେ ତାଲା ପକାଇବା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବିଡିଓ ରାଧା ରଞ୍ଜନ ଦାଶ, ଆଇଆଇସି ସାଲଖାନ ମୁର୍ମୁ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ତହସିଲଦାର ରେଡ଼କ୍ରସରୁ ଦଶ ହଜାର, ତହସିଲ ପକ୍ଷରୁ ପାଞ୍ଚ ହଜାର, ଏବଂ ବିଦ୍ୟାଳୟ ପକ୍ଷରୁ ପଚାଶ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବାର ଘୋଷଣା କରାଯିବା ପରେ ମଧ ଧାରଣା ପ୍ରତ୍ୟାହାର ହୋଇପାରିଲା ନାହିଁ। ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ପହଞ୍ଚି ଫୋନ ଯୋଗେ ବାଲେଶ୍ୱର ସାଂସଦଙ୍କ ସହିତ ଯୋଗାଯୋଗ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଲକ୍ଷ ଆର୍ଥିକ ସହାୟତା ଯୋଗାଇଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏହି ସମୟରେ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ତେବେ ଅପରାହ୍ନରେ ମୃତ ଛାତ୍ରଙ୍କ ମରଶରୀର ବିଦ୍ୟାଳୟ ନିକଟରେ ପହଞ୍ଚିବା ପରେ ପୁଣି ଥରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତଙ୍କୁ ଅଟକ ରଖି ହୋହାଲ୍ଲା କରିଥିଲେ। କ୍ଷତିପୂରଣ ଓ ମିଳିବା ପର୍ଯ୍ୟନ୍ତ ଶବ ସତ୍କାର ନ କରିବାକୁ ଜିଦ ଧରିଥିଲେ।ପରେ ବାଲିଆପାଳ ପୋଲିସ ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବା ସହ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡିତଙ୍କୁ ଥାନାକୁ ନେଇ ଯାଇଥିବା ଜଣାପଡିଛି।

## ଏସଜିଏଫଆଇ ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଆ ଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର, ୯/୧ (ନି.ପ୍ର): ଝାଡ଼ଖଣ୍ଡର ରାଂଚି ଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ (ଏସଜିଏଫଆଇ) ୧୭ ବର୍ଷ ରୁ କମ୍ ବୟସର ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଆଣିଛନ୍ତି ଓଡ଼ିଶାର ସୁନୀତା ନାଏକ । କେନ୍ଦୁଝରସ୍ଥିତ ଏସ ଏମ ଆର୍ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁନୀତା ନାଏକ ୬୦ ମିଟର ଅଲମ୍ପିକ୍ସ ରାଉଣ୍ଡରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଆଣିଛନ୍ତି । ୬ ଜାନୁଆରୀରୁ ୧୦ ଜାନୁଆରୀ ପର୍ଯ୍ୟନ୍ତ ରାଞ୍ଚି ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

## ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ପରିଦର୍ଶନ କଲେ ବିଧାନସଭା କମିଟି

ଭୁବନେଶ୍ୱର, ୯/୧ (ନି.ପ୍ର): ଖଦି, ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ । ଅଧିକରୁ ଅଧିକ ଖଦି ପିନ୍ଧିଲେ, ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି । ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ପରିଦର୍ଶନ ସମୟରେ ଖଦିର ପୁନରୁଥାନ ପାଇଁ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି । ବିଧାନସଭା କମିଟି ସମ୍ମୁଖରେ ଖଦି ବୋର୍ଡ଼ ସଦସ୍ୟ ଓ ବୁଣାକାରମାନେ ଖଦିର ପୁନରୁଥାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ।

# କରଞ୍ଜ ନରସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ ତମ ବାର୍ଷିକ ଉତ୍ସବ




ବାଲିଆପାଳ , ୯/୧ (ନି.ପ୍ର): ନିରନ୍ତର ପ୍ରୟାସ ଓ ଆତ୍ମବିଶ୍ୱାସ ଦ୍ୱାରା ସଫଳତା ମିଳିପାରେ କିନ୍ତୁ ସଂସ୍କାର ଏବଂ ସତ ଚରିତ୍ର ବିନା ସବୁ ବିଫଳ ବୋଲି ବାଲିଆପାଳ ବ୍ଲକ କରଞ୍ଜ ନରସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇପ୍ସିତା ନାୟକ ଙ୍କ ଅଧକ୍ଷ୍ୟତା ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ବକ୍ତା ଭାବେ ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁବାସ ବେହେରା, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ସି ଆର ସି ସି ପୂର୍ଣଚନ୍ଦ୍ର ମଣ୍ଡଳ, ପଞ୍ଚାନନ ବେହେରା, ଅବସର ପ୍ରାପ୍ତ ଶିକ୍ଷକ ଭକ୍ତହରୀ ଦାସ, ରମେଶ ଚନ୍ଦ୍ର ସାମଲ, ପରିଚାଳନା କମିଟି ସଭାପତି ଦୁର୍ୟ୍ୟ କୁମାର ଗୋଛାୟତ ପ୍ରମୁଖ ଯୋଗ ଦେଇ ବିଦ୍ୟାର୍ଥୀ ଙ୍କ ମାର୍ଗଦର୍ଶନ କରିବାସହ ବିଦ୍ୟାଳୟ ର ଉନ୍ନତି ପାଇଁ ସାମୁହିକ ପ୍ରୟାସ ଜରୁରୀ ବୋଲି ମତ ରଖିଥିଲେ। ଶିକ୍ଷୟିତ୍ରୀ ଦିପାଳୀ ସାମନ୍ତରାୟ ଅତିଥି ପରିଚୟ ଓ ସନ୍ଧ୍ୟାରାଣୀ ଚାନ୍ଦ ବେଦ ପାଠ କରିଥିବା ବେଳେ ଶିକ୍ଷକ ସଦାମ ଖାଁ ଅଲି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବାର୍ଷିକ କ୍ରିଡ଼ା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ସଂଗୀତ ରେ ପ୍ରଫୁଲ୍ଲ ବାରିକ ଙ୍କ ସହାୟତା ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ଅରୁସ୍ମିତା ଭୂଇଁୟା ଓଡିଶୀ ନୃତ୍ୟ ସମସ୍ତ ଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷୟିତ୍ରୀ ତନୁଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଇପ୍ସିତା ବାରିକ, ଜୟନାରାୟଣ ବିଶ୍ୱାଳ, ଜାହ୍ନବୀ ସାହୁ, ତପନ ବିଶ୍ୱାଳ, ରଣଜିତ ପୁଟିଆ, ସରୋଜ ଦାସ, ତ୍ରିଲୋଚନ ପାତ୍ର, ପଦ୍ମାବତୀ ବାଗ ପ୍ରମୁଖ ପରିଚାଳନା କରିଥିଲେ ଷ୍ସ୍କୁଲ ପରିଚାଳନା କମିଟି ଛାତ୍ର ଅଭିଭାବକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ରାଜଧାନୀରୁ ୧୫ ଶହ ଲିଟର ଦେଶି ମଦ ଜବତ: ୫ ଗିରଫ

ଭୁବନେଶ୍ୱର, ୦୯ ଜାନୁୟାରୀ (ହି.ସ)- ପୁଣି ରାଜଧାନୀରୁ ପୂଳା ପୂଳା ଦେଶି ମଦ ଜବତ ହୋଇଛି। ଶୁକ୍ରବାର ୧୫ ଶହ ଲିଟର ଦେଶି ମଦ ସହ ପାଂଚଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଏକ କାରରେ ମୟୂରଭଞ୍ଜରୁ ରାଜଧାନୀକୁ ଆସୁଥିଲା ଦେଶି ମଦ । କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବର ପାଇ ସେମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଧିରୁକୁଟି ବସ୍ତିରୁ ଅତର୍କିତ ଭାବେ ଗୋଟିଏ କାର ଏବଂ ଗୋଟିଏ ସ୍କୁଟିକୁ ଜବତ କରିଥିଲା ଅବକାରୀ ବିଭାଗ। ଅନ୍ୟ ସ୍କୁଟିଟି ଦେଶି ମଦ ନେଇ ଡୁମୁଡୁମା ଅଂଚଳରୁ ଆସୁଥିଲା ଆଉ ସେଠାରୁ ସ୍କୁଟି ସହିତ ଜଣଙ୍କୁ ଗିରଫ କରାଇଥିଲା।

# ଶୀତ ଲହରୀ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ବୈଠକ

ବାରିପଦା, ୯/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କିଛି ଦିନ ହେଲା ଶୀତର ପ୍ରକୋପ ବୃଦ୍ଧି ହୋଇଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ଶ୍ରୀ ସୟ୍ ଅଧକ୍ଷତା କରି ଜିଲ୍ଲାର ବର୍ତ୍ତମାନ ସ୍ଥିତି ଉପରେ ସମୀକ୍ଷା କରିଛନ୍ତି । ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ପ୍ରମୁଖ ଯୋଗ ଦେଇ ତାଙ୍କ ଦ୍ୱାରା ନିଆଯାଇଥିବା ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବର୍ତ୍ତମାନ ଯାଏଁ ଜିଲ୍ଲାର ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ଥିବାରୁ ଜିଲ୍ଲାପାଳ ଶ୍ରୀ ସୟ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସମ୍ଭାବ୍ୟ ପାଗ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ଆଜିର ବୈଠକରେ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି । ଜିଲ୍ଲାର କୌଣସି ସ୍ଥାନରେ ଯେପରି କୌଣସି ବ୍ୟକ୍ତି ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନ ନିଅନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ତତ୍ ପରିସରଭୁକ୍ତ ଅଧିକାରୀ ସିଭିଲ ସୋସାଇଟି ସହ ମିଳିତ ସମନ୍ୱୟରେ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ର, କମ୍ୟୁନିଟି ହଲ୍, ସ୍କୁଲ ଗୃହ, ସରକାରୀ ଗୃହ ଇତ୍ୟାଦି ଉପଯୁକ୍ତ ସ୍ଥାନରେ ରାତ୍ରିପଯାପନ ସହ ଖାଦ୍ୟପେୟର ବ୍ୟବସ୍ଥା କରିବେ । ଆବଶ୍ୟକ ସ୍ଥଳେ ରେଡକ୍ରସ୍ ପାଣ୍ଠି ସହାୟତାରେ ସେମାନଙ୍କୁ କମ୍ବଳ ଯୋଗାଇଦେବାର ବ୍ୟବସ୍ଥା କରାଯିବ । ସେହିପରି ବିଡିଓ ମାନେ ଶୀତ ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପିଇଓମାନଙ୍କୁ ନିର୍ଦ୍ଦେଶ ଦେବେ । ଏତଦବ୍ୟତୀତ ଶିମିଳିପାଳ ପାଦଦେଶ ଜନବସତି ଅଞ୍ଚଳରେ ବ୍ୟାପକ ସତର୍କ ନଜର ରଖିବାକୁ ତତ୍ ସଂଲଗ୍ନ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ବିଦ୍ୟାଳୟ ତଥା ଛାତ୍ରାବାସ ପରିସରରେ ପିଲାମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଯେମିତି ନିଆଁ ନଲଗାନ୍ତି, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାପାଇଁ ସମ୍ପୃକ୍ତ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୌଣସି ପ୍ରକାର ଆକସ୍ମିକ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାକୁ ସାମ୍ନା କରିବାପାଇଁ ସମସ୍ତ ପ୍ରକାର ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ଅଗ୍ନିଶମ ସେବା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋପରି ଜିଲ୍ଲାରେ ଶୀତ ପ୍ରକୋପ ଜନିତ ଯେମିତି କୌଣସି ଲୋକର ମୃତ୍ୟୁ ନହୁଏ ସେଥିପ୍ରତି ସତର୍କ ରହିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦବ୍ୟତୀତ ଅତ୍ୟଧିକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଯଦି ଘର ମାନଙ୍କରେ କୌଣସି ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଛନ୍ତି, ତେବେ ଏଗୁଡିକ ବ୍ୟବହାର ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଉଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida